# ODISHA PUBLIC SERVICE COMMISSION, CUTTACK

## NOTICE

**No. 10269/PSC Dt.11.11.2022**
**(DR-IV) (2PH-01-2022-23)**

No. D-: It is for information of all provisionally qualified candidates relating to recuritment of Assistant Section Officer, pursuant to Advertisement No. 26 of 2021-22 that the document verification will be conducted from **14.11.2022 to 18.11.2022** as per the follwoing programme.

The candidates are requied to reach the office of OPSC at 19, Dr. P.K. Parija Road, Cuttack - 753001 **30 minutes before** to commencement of document verification as per the scheduled programme.

**PROGRAMME FOR VERIFICATION OF ORIGINAL CERTIFICATES/DOCUMENTS etc.**

| Date of Verification | Time of Verification | Roll Nos. of Candidates to be verified | Team to Verify |
|---|---|---|---|
| 14.11.2022 | 10.00 A.M to 12.00 P.M. | 100032, 100124, 100141, 100419, 100432, 101069, 101230, 101489, 101751, 101801, 101836, 102140, 102372, 102553, 102634 = **15 Candidates** | Team - I |
| | | 102817, 102884, 103271, 103479, 103653, 103872, 104287, 104878, 104914, 105644, 106068, 106132, 106157, 106441, 106480 = **15 Candidates** | Team - II |
| | | 106859, 106890, 106934, 107056, 107147, 107232, 107251, 107269, 107471, 107582, 107817, 107917, 108107, 108452, 108455 = **15 Candidates** | Team - III |
| | | 109349, 200272, 200593, 200664, 200791, 200996, 201048, 201342, 201444, 202410, 202544, 202716, 202724, 203208, 203469 = **15 Candidates** | Team - IV |
| | | 203490, 203956, 204353, 204651, 205925, 206427, 206621, 206990, 207186, 207616, 207846, 208055, 208248, 208433, 209085 = **15 Candidates** | Team - V |
| | 12.00 P.M. to 01.30 P.M. | 209126, 209235, 209275, 209514, 209546, 209681, 209811, 210250, 210367, 210448 = **10 Candidates** | Team - I |
| | | 210616, 210732, 211331, 300094, 300165, 300196, 300414, 300431, 300572, 300695 = **10 Candidates** | Team - II |
| | | 300993, 301039, 301048, 301180, 301406, 301563, 301570, 301642, 301820, 301988 = **10 Candidates** | Team - III |
| | | 302182, 302552, 302584, 302604, 302884, 302900, 303011, 303017, 303098, 303164 = **10 Candidates** | Team - IV |
| | | 303332, 303382, 303413, 303635, 303907, 303920, 303939, 303950, 304080, 304173 = **10 Candidates** | Team - V |
| | 02.30 P.M. to 04.00 P.M. | 304185, 304214, 304248, 304448, 304548, 304995, 305051, 305182, 305199, 305431 = **10 Candidates** | Team - I |
| | | 305468, 305587, 305714, 305939, 306165, 306276, 306348, 306599, 306645, 306688 = **10 Candidates** | Team - II |
| | | 306707, 306727, 306739, 307018, 307031, 307036, 307225, 307228, 307245, 307249 = **10 Candidates** | Team - III |
| | | 307349, 307505, 307547, 307581, 307637, 307640, 308008, 308025, 308029, 308135 = **10 Candidates** | Team - IV |
| | | 308201, 308236, 308282, 308596, 308604, 308943, 309074, 309198, 309244, 309595 = **10 Candidates** | Team - V |
| | 04.00 P.M. to 05.30 P.M. | 309674, 309839, 309945, 309961, 310248, 310401, 310484, 310502, 310527, 310645 = **10 Candidates** | Team - I |
| | | 310676, 310695, 310932, 311004, 311085, 311920, 312098, 312111, 312144, 312146 = **10 Candidates** | Team - II |
| | | 312194, 312471, 312674, 312722, 312777, 312840, 312872, 313007, 313068, 313294 = **10 Candidates** | Team - III |
| | | 313298, 313522, 313670, 313720, 313793, 313821, 313963, 314076, 314100, 314102 = **10 Candidates** | Team - IV |
| | | 314215, 314345, 314393, 314462, 314525, 314559, 314586, 314836, 314948, 315049 = **10 Candidates** | Team - V |
| 15.11.2022 | 10.00 A.M. to 12.00 P.M. | 315125, 315175, 315397, 315964, 316220, 316374, 316474, 316750, 316893, 316929, 316998, 317169, 317360, 317414, 317510 = **15 Candidates** | Team - I |
| | | 317683, 317825, 317829, 318037, 318069, 318093, 318188, 318473, 318855, 318938, 318966, 319023, 319031, 319057, 319109 = **15 Candidates** | Team - II |
| | | 319488, 319513, 319555, 319612, 319760, 320054, 320138, 320155, 320340, 320349, 320585, 320646, 320765, 321288, 321325 = **15 Candidates** | Team - III |
| | | 321396, 321604, 321695, 321716, 321751, 321788, 322402, 322630, 322702, 322838, 322901, 323106, 323219, 323505, 323523 = **15 Candidates** | Team - IV |
| | | 323549, 323954, 324163, 324491, 324503, 324547, 324642, 324701, 324789, 324896, 324934, 324973, 325044, 325137, 325165 = **15 Candidates** | Team - V |
| | 12.00 P.M. to 1.30 P.M. | 325324, 325703, 326036, 326148, 326182, 326282, 326300, 326542, 326691, 326779 = **10 Candidates** | Team - I |
| | | 326813, 327001, 327271, 327282, 327829, 327881, 327982, 327999, 328053, 328172 = **10 Candidates** | Team - II |
| | | 328233, 328325, 328348, 328493, 328503, 328558, 328588, 328767, 328908, 328923 = **10 Candidates** | Team - III |
| | | 329135, 329144, 329158, 329188, 329320, 329393, 329516, 329669, 329670, 329674 = **10 Candidates** | Team - IV |
| | | 329786, 329795, 329965, 330023, 330098, 330118, 330154, 330174, 330415, 330602 = **10 Candidates** | Team - V |
| | 2.30 P.M. to 4.00 P.M. | 330758, 330843, 330996, 331000, 331013, 331035, 331574, 331662, 331859, 331892 = **10 Candidates** | Team - I |
| | | 331911, 331919, 332150, 332288, 332639, 332642, 332754, 332913, 333254, 333433 = **10 Candidates** | Team - II |
| | | 333568, 333625, 333633, 333669, 333685, 334156, 334172, 334267, 334300, 334340 = **10 Candidates** | Team - III |
| | | 334361, 334378, 334380, 334470, 334854, 334892, 334899, 335223, 335329, 335341 = **10 Candidates** | Team - IV |
| | | 335582, 335624, 335654, 335789, 336107, 336690, 336749, 336793, 336871, 336879 = **10 Candidates** | Team - V |
| | 4.00 P.M. to 05.30 P.M. | 336928, 337201, 337382, 337425, 337823, 338086, 338267, 338386, 338489, 338499 = **10 Candidates** | Team - I |
| | | 338623, 338670, 338697, 338722, 338976, 339031, 339073, 339255, 339306, 339408 = **10 Candidates** | Team - II |
| | | 339414, 339784, 339912, 340049, 340141, 340533, 340620, 340677, 340874, 340969 = **10 Candidates** | Team - III |
| | | 341007, 341364, 341379, 341380, 341383, 341573, 341690, 341952, 342003, 342028 = **10 Candidates** | Team - IV |
| | | 342054, 342107, 342124, 342126, 342187, 342280, 342333, 342616, 342734, 342873 = **10 Candidates** | Team - V |
| 16.11.2022 | 10.00 A.M. to 12.00 P.M. | 343015, 343307, 343312, 343399, 343439, 343505, 343512, 343569, 343606, 343794, 343858, 343907, 343963, 344039, 344088 = **15 Candidates** | Team - I |
| | | 344178, 344198, 344269, 344275, 344290, 344494, 344905, 345037, 345073, 345142, 345167, 345260, 345264, 345493, 345941 = **15 Candidates** | Team - II |
| | | 345942, 346076, 346266, 346355, 346487, 346515, 346533, 346722, 346730, 346771, 346824, 347147, 347512, 347945, 348081 = **15 Candidates** | Team - III |
| | | 348297, 348322, 348342, 348387, 348455, 348472, 348663, 348733, 348940, 348952, 348973, 349033, 349233, 349323, 349594 = **15 Candidates** | Team - IV |
| | | 349602, 349611, 349745, 349792, 349880, 350320, 350336, 350383, 350494, 351040, 351076, 351113, 351166, 351226, 351267 = **15 Candidates** | Team - V |
| | 12.00 P.M. to 1.30 P.M. | 351286, 351325, 351541, 351565, 352259, 352389, 352758, 352901, 353011, 353364 = **10 Candidates** | Team - I |
| | | 353444, 353695, 353720, 353798, 353973, 354071, 354130, 354348, 354414, 354461 = **10 Candidates** | Team - II |
| | | 354547, 355255, 355873, 355911, 355952, 355991, 356118, 356184, 356335, 356418 = **10 Candidates** | Team - III |
| | | 356478, 356510, 356511, 400167, 400273, 400287, 400305, 400668, 400707, 401065 = **10 Candidates** | Team - IV |
| | | 401226, 401745, 401756, 401772, 401885, 401909, 401925, 402146, 402264, 402631 = **10 Candidates** | Team - V |
| | 2.30 P.M. to 4.00 P.M. | 402805, 402927, 403359, 403438, 403468, 403644, 403727, 403755, 403782, 403953 = **10 Candidates** | Team - I |
| | | 404336, 404362, 404467, 404472, 404583, 404707, 404863, 404948, 404995, 405325 = **10 Candidates** | Team - II |
| | | 405383, 405392, 405425, 405666, 405683, 406032, 406201, 406265, 406659, 406759 = **10 Candidates** | Team - III |
| | | 407176, 407921, 408050, 408150, 408468, 408539, 408959, 409070, 409335, 409603 = **10 Candidates** | Team - IV |
| | | 409832, 410078, 410503, 410514, 410832, 410916, 411570, 411580, 411611, 411640 = **10 Candidates** | Team - V |
| | 4.00 P.M. to 5.30 P.M. | 411716, 411964, 412134, 412504, 412599, 412759, 412773, 412884, 412983, 413076 = **10 Candidates** | Team - I |
| | | 413099, 413297, 413322, 413387, 413568, 413632, 413724, 414289, 414368, 414382 = **10 Candidates** | Team - II |
| | | 414435, 414590, 414623, 414844, 414937, 415124, 415432, 415453, 415665, 416043 = **10 Candidates** | Team - III |
| | | 416045, 416071, 416076, 416379, 416582, 416638, 417536, 417695, 417835, 417937 = **10 Candidates** | Team - IV |
| | | 418356, 418519, 418870, 419092, 500198, 500465, 500999, 501190, 501434, 501436 = **10 Candidates** | Team - V |
| 17.11.2022 | 10.00 A.M. to 12.00 P.M. | 501678, 501688, 501858, 501920, 502055, 502167, 502170, 502175, 502610, 502839, 503097, 503272, 503373, 503830, 503833 = **15 Candidates** | Team - I |
| | | 503925, 504076, 504340, 504570, 504787, 504956, 505073, 505224, 505743, 505817, 505863, 505879, 505941, 506055, 506337 = **15 Candidates** | Team - II |
| | | 600295, 600407, 600684, 600868, 601028, 601231, 601381, 602189, 602222, 602254, 602463, 602481, 602924, 603711, 603723 = **15 Candidates** | Team - III |
| | | 603822, 603826, 603834, 603900, 604304, 604445, 605200, 605248, 605305, 605634, 605652, 605719, 605895, 606048, 606362 = **15 Candidates** | Team - IV |
| | | 606366, 606461, 606648, 606697, 606724, 606755, 607396, 607677, 608007, 608330, 608384, 608642, 608797, 609092, 609323 = **15 Candidates** | Team - V |
| | 12.00 P.M. to 1.30 P.M. | 609336, 609489, 609683, 609804, 610159, 610317, 610656, 611270, 611842, 611995 = **10 Candidates** | Team - I |
| | | 611998, 612336, 612644, 613130, 613228, 613317, 613419, 613785, 613832, 614096 = **10 Candidates** | Team - II |
| | | 614207, 614266, 614327, 615008, 615130, 615818, 615986, 616154, 616434, 616923 = **10 Candidates** | Team - III |
| | | 617080, 617261, 617279, 617371, 617575, 617732, 617750, 617998, 619016, 619018 = **10 Candidates** | Team - IV |
| | | 619317, 619475, 619498, 619663, 620043, 620837, 620969, 621183, 621258, 621384 = **10 Candidates** | Team - V |
| | 2.30 P.M. to 4.00 P.M. | 622946, 623064, 623583, 623815, 624011, 624207, 624260, 624292, 624299, 624888 = **10 Candidates** | Team - I |
| | | 625047, 625155, 625176, 625419, 625722, 625892, 626022, 626231, 626904, 627329 = **10 Candidates** | Team - II |
| | | 627406, 627459, 627808, 628044, 628078, 629348, 630058, 630065, 630245, 630277 = **10 Candidates** | Team - III |
| | | 631360, 631594, 632024, 632674, 633018, 633131, 633225, 633459, 633874, 634762 = **10 Candidates** | Team - IV |
| | | 635173, 635186, 635350, 635549, 635889, 635964, 636767, 636783, 636853, 637090 = **10 Candidates** | Team - V |
| | 4.00 P.M. to 5.30 P.M. | 637422, 637507, 637510, 637736, 637771, 637803, 638505, 638756, 639309, 639329 = **10 candidates** | Team - I |
| | | 640069, 640151, 640269, 640381, 640486, 640686, 640733, 640868, 641843, 642090 = **10 candidates** | Team - II |
| | | 642098, 642669, 642947, 643057, 643068, 643361, 643849, 643928, 644602, 644628 = **10 candidates** | Team - III |
| | | 644789, 645348, 645397, 645418, 645785, 646654, 647294, 647625, 648052, 648353 = **10 candidates** | Team - IV |
| | | 648449, 648859, 649256, 650029, 650428, 650436, 650593, 651587, 651803, 651854 = **10 candidates** | Team - V |
| 18.11.2022 | 10.00 A.M. TO 12.00 P.M. | 652294, 652297, 652496, 652838, 652872, 653047, 653055, 653056, 653802, 653906, 654203, 654289, 654306, 654557, 654682 = **15 candidates** | Team - I |
| | | 655133, 655271, 655522, 655956, 656585, 656930, 657119, 657276, 657297, 657748, 657949, 658189, 658275, 658714, 658812 = **15 candidates** | Team - II |
| | | 659443, 659476, 660283, 660424, 660546, 660568, 660950, 661039, 661049, 661187, 661436, 661610, 661642, 661798, 662211 = **15 candidates** | Team - III |
| | | 662548, 662687, 662882, 662948, 663063, 663281, 663691, 663892, 664551, 664717, 665135, 665494, 665540, 665674, 665862 = **15 candidates** | Team - IV |
| | | 665872, 666158, 666254, 666414, 666727, 666932, 666946, 666982, 667114, 667343, 667644, 667674, 668537, 669744, 670278 = **15 candidates** | Team - V |
| | 12.00 P.,M. to 01.30 P.M. | 670429, 670582, 670606, 670616, 670750, 670773, 671431, 671658, 672199, 672527 = **10 candidates** | Team - I |
| | | 672625, 672885, 673351, 673424, 673643, 673822, 673834, 674449, 674502, 674915 = **10 candidates** | Team - II |
| | | 675447, 675648, 676147, 676796, 677234, 678077, 678277, 678558, 678589, 678749 = **10 candidates** | Team - III |
| | | 680104, 680240, 680568, 681029, 681280, 681327, 681839, 682458, 682465, 682486 = **10 candidates** | Team - IV |
| | | 682643, 682698, 682904, 682961, 683294, 683302, 683347, 683473, 683846, 683870 = **10 candidates** | Team - V |
| | 2.30 P.M. to 04.00 P.M. | 683933, 684311, 684761, 685087, 685411, 685501, 685767, 686027, 686595, 686689 = **10 candidates** | Team - I |
| | | 686690, 687549, 687981, 687986, 688274, 688549, 688995, 689250, 689939, 689953 = **10 candidates** | Team - II |
| | | 690234, 690976, 691152, 691274, 691356, 691427, 691941, 692119, 692436, 692579 = **10 candidates** | Team - III |
| | | 692924, 693134, 693162, 693204, 693237, 693454, 693521, 693724, 693882, 694047 = **10 candidates** | Team - IV |
| | | 694162, 694593, 694687, 694923, 694942, 694989, 695151, 695485, 695625, 695931 = **10 candidates** | Team - V |
| | 4.00 P.M. to 05.30 P.M. | 696239, 696256, 696615, 696717, 696843, 697010, 697166, 697181, 697321, 697546 = **10 candidates** | Team - I |
| | | 697762, 698125, 698387, 698619, 698790, 698815, 698827, 699089, 699393 = **09 candidates** | Team - II |
| | | 699615, 699801, 700636, 700966, 701162, 701500, 701661, 701816, 702295, 702341 = **10 candidates** | Team - IV |

**The candidates are required to submit the following original certificates/self-attested photo copy of documents at the time of verification:-**

1. Hard copy of online application form **mentioning Roll No. at the top right hand corner**. Application Forms are available in the website of the Commission. The candidates are required to download the same using their respective user name/mobile number/e-mail and password /OTP through admin login Section of the OPSC website.
2. Three **(03) passport size photographs tagged** to the application form.
3. H.S.C. or Equivalent Certificate in support of declaration of age.
4. Bachelor's Degree Certificate
5. Required Odia Test Pass Certificate from the Board of Secondary Education, Odisha indicating Odia as a language subject equivalent to M.E. School Standard or a certificate from the Principal / Headmaster of the School recognition granted by the Director of Secondary Education, Government of Odisha indicating that the candidate has passed Odia in M.E. Standard, wherever applicable.
6. **Caste Certificate by birth** in Support of claim as SCs/STs/S.E.B.Cs (Please see and refer Note-1 of the Advertisement).
7. Recent SEBC Certificate (issued within 26.02.2019 to 25.02.2022), wherever applicable.
8. Discharge Certificate issued by the Commanding Officer of the Unit last served. Ex-Servicemen must submit an affidavit undertaking that he has not been appointed against any civil post after retirement from military service; wherever applicable.
9. Identity Cards issued by Director of Sports, Odisha, Bhubaneswar **(in case of Sports person candidates)**.
10. **Permanent Disability Certificate (Indicating 40% and more permanent Disability)** issued by the concerned Medical Board.

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୪ ନଭେମ୍ବର, ୨୦୨୨



## ସଂକ୍ଷେପରେ

### ରେଳ ଲାଇନ୍‌ରେ ପଡ଼ିଛି ଛାତ୍ରଙ୍କ ମୃତଦେହ

ଡେରାବିଶ,୧୩ା୧୧(ସ୍ୱ.ପ୍ର.): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଠାକୁରହାଟ ଗ୍ରାମ ସନ୍ନିକଟ ମା’ ପାଟସମୁଳେଇ ଠାକୁରାଣୀଙ୍କ ନିକଟ ହରିଦାସପୁର-ପାରାଦୀପ ରେଳଲାଇନ୍‌ରୁ ଜଣେ ଛାତ୍ରଙ୍କ ମୃତଦେହ ରବିବାର ରାତିରେ ପଡିଥିବା ଦେଖିବାକୁ ମିଳିଛି। ମୃତ ଛାତ୍ର ଜଣକ ହେଲେ ସଦର ଥାନା ଅନ୍ତର୍ଗତ କଣୋଟି ଗ୍ରାମର ଦିବ୍ୟଜ୍ୟୋତି ନାଥ । ସେ ସ୍ଥାନୀୟ ରତ୍ନାକର ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ର ଥିଲେ । ତେବେ କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଛି ତାହା ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଏ ସଂକ୍ରାନ୍ତରେ ପରିବାର ଲୋକଙ୍କ ପ୍ରତିକ୍ରିୟା ଜାଣିବାକୁ ଚେଷ୍ଟା କରାଯାଇଥିଲେ ମଧ ତାହା ସମ୍ଭବ ହୋଇନାହିଁ। ଥାନାରେ ବି ଏ ନେଇ କୌଣସି ଅଭିଯୋଗ ହୋଇନାହିଁ।

### ଲୋକ ଅଦାଲତରେ ୧୪୧ ମାମଲା ଫଇସଲା

ବାଲିଆ,୧୩ା୧୧(ସ୍ୱ.ପ୍ର.): ବିରିଡି ତହସିଲ କାର୍ଯ୍ୟାଳୟରେ ରାଜସ୍ୱ ବିଭାଗ ପକ୍ଷରୁ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬୨ ମାମଲା ଥିବାବେଳେ ୧୪୧ ମାମଲାର ଫଇସଲା କରାଯାଇଥିଲା। ଲୋକାଲ ମାଜିଷ୍ଟ୍ରେଟ ତଥା ବିରିଡି ତହସିଲଦାର ସହଦେବ ସାହୁ ଏହି ମାମଲାଗୁଡ଼ିକର ଶୁଣାଣି କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସହାୟକ ସୂର୍ଯ୍ୟ ନାରାୟଣ ମହାନ୍ତି ପରିଚାଳନା କରିଥିବାବେଳେ ସମସ୍ତ ସୁପରଭାଇଜର ଓ ରାଜସ୍ୱ ନିରୀକ୍ଷକ ସହାୟତା କରିଥିଲେ। ମାମଲାଗୁଡିକ ମଧ୍ୟରେ ଜମି ସାର୍ଟିଫିକେଟ ସମ୍ପର୍କିତ ୧୪ ମାମଲାରୁ ୪ଟି ଫଇସଲା ହୋଇଥିଲା। ଘରବାରି ସମ୍ପର୍କିତ ୫ ମାମଲାରୁ ଗୋଟିଏ, ପାର୍ଟିଶନ ସମ୍ପର୍କିତ ୪ ମାମଲାରୁ ୨, ଅବରୋଧ ସମ୍ପର୍କିତ ୧୫, ମ୍ୟୁଟେଶନ ସମ୍ପର୍କିତ ୫୧, ଜାତିଗତ ସାର୍ଟିଫିକେଟ ସମ୍ପର୍କିତ ୫୬ ଓ ଅନ୍ୟାନ୍ୟ ୧୬ ମାମଲାର ଫଇସଲା କରାଯାଇ ୨୩ ହଜାର ୫୪୬ ଟଙ୍କା ରାଜସ୍ୱ ଆଦାୟ କରାଯାଇଥିଲା।

### ଟିଏମ୍‌ସି ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ ପ୍ରତିବାଦରେ ଭାଜପାର ବିକ୍ଷୋଭ



କେନ୍ଦ୍ରାପଡ଼ା ଅଫିସ,୧୩ା୧୧: ତୃଣମୂଳ କଂଗ୍ରେସ(ଟିଏମ୍‌ସି) ମନ୍ତ୍ରୀ ଅଖିଳ ଗିରି ଏକ ସଭାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଏହାକୁ ବିରୋଧ କରି କେନ୍ଦ୍ରାପଡ଼ା ଜିଲା ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ରବିବାର ସହରର ତିନିମୁହାଣି ଛକରେ ପ୍ରତିବାଦ ସଭା ସହ ମନ୍ତ୍ରୀ ଗିରିଙ୍କ କୁଶପୁତ୍ତଳିକା ଦାହ କରାଯାଇଛି । ଏ ସମ୍ପର୍କରେ ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା କହିଛନ୍ତି, ରାଷ୍ଟ୍ରପତି ହେଉଛନ୍ତି ଦେଶର ପ୍ରଥମ ନାଗରିକ । ସେ ତିନି ସେନାର ମୁଖ୍ୟ । ଏପରି ସମ୍ମାନାସ୍ପଦ ବ୍ୟକ୍ତିଙ୍କୁ ସୁନ୍ଦରତା ସମ୍ପର୍କରେ ମନ୍ତବ୍ୟ ଦେଇ ଗିରି ନିଜର ଓ ତୃଣମୂଳ କଂଗ୍ରେସର ପ୍ରକୃତ ମନୋଭାବ ପ୍ରକାଶ କରିଛନ୍ତି; ଯାହା ସମଗ୍ର ଦେଶବାସୀଙ୍କ ଭାବାବେଗକୁ ଦୋହଲାଇ ଦେଇଛି । ଜଣେ ଆଦିବାସୀ ମହିଳାଙ୍କ ସଂଘର୍ଷମୟ ଜୀବନକୁ ଏଠାରେ ଅଣଦେଖା କରାଯାଇଛି । ତାଙ୍କର ଏହି ହୀନ ମନ୍ତବ୍ୟ ଦେଶରେ ଅସ୍ଥିରତା ସୃଷ୍ଟି କରିଥିବାରୁ ସେ ଗିରଫ ହେବା ଜରୁରୀ ହୋଇ ପଡିଛି । ବରିଷ୍ଠ ନେତା ତେଜେଶ୍ୱର ପରିଡ଼ା, ସୁନାକର ବେହେରା, କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ପଣ୍ଡା, ଉପିନ ରାଉତ, ଅଭିମନ୍ୟୁ ଗୋଛାୟତ ପ୍ରମୁଖ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ।

# ଆଗକୁ ନିଅଣ୍ଟ ପଡ଼ିବ ଜଳ

କେନ୍ଦ୍ରାପଡ଼ା ଅଫିସ, ୧୩ା୧୧



ବ୍ରାହ୍ମଣୀ ନଦୀ ଶୁଖିଲା ପଡ଼ିଛି ।

- ଶୁଖିଲା ପଡ଼ିଲାଣି ମହାନଦୀ,ବ୍ରାହ୍ମଣୀ ସିଷ୍ଟମ୍
- ନଦୀ ଜଳ ପରିଚାଳନାକୁ ନେଇ ବୁଦ୍ଧିଜୀବୀଙ୍କ ଉଦ୍‌ବେଗ
- ଜାତୀୟ ଉଦ୍ୟାନକୁ ମିଳିବନି ମଧୁର ଜଳ

ନଭେମ୍ବର ପ୍ରଥମ ସପ୍ତାହରୁ ମହାନଦୀ ପରେ ଏବେ ବ୍ରାହ୍ମଣୀରେ ଜଳ ସଙ୍କଟ ଦେଖାଦେଇଛି । ବୈତରଣୀରେ ବ୍ୟାରେଜ ନିର୍ମାଣ ପରେ ଏହି ସମସ୍ୟା କେନ୍ଦ୍ରାପଡ଼ା ଜିଲା ପାଇଁ ଚିନ୍ତାର କାରଣ ହୋଇଛି । ଖରା ଆରମ୍ଭରୁ ମହାନଦୀ ଓ ବ୍ରାହ୍ମଣୀ ସିଷ୍ଟମରେ ଥିବା ନଦୀ ଶୁଖିଲା ପଡିବାରୁ ଜାତୀୟ ଉଦ୍ୟାନ ଭିତରକନିକାକୁ ଆବଶ୍ୟକ ମୁତାବକ ଜଳ ମିଳୁନାହିଁ । ଏହା ଆଗକୁ ଭୟଙ୍କର ରୂପ ନେବ । ନଦୀର ଉପରମୁଣ୍ଡରେ ହେଉଥିବା ପ୍ରକଳ୍ପକୁ ନେଇ ଜିଲାବାସୀଙ୍କ ଚିନ୍ତା ବଢ଼ିଛି । କେନ୍ଦ୍ରାପଡ଼ା ଜିଲାରେ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମ୍‌ରେ ୭ ନଦୀ ପ୍ରବାହିତ ହେଉଛି । ଏହାର ଜଳ ଦୈନନ୍ଦିନ ନିତ୍ୟକର୍ମ ସହ କୃଷି ପାଇଁ ବ୍ୟବହାର ହେଉଛି । ଏଥିସହିତ ଏହାର ମଧୁର ଜଳ ଜାତୀୟଉଦ୍ୟାନ ଭିତରକନିକାର ଜୈବବିବିଧତାକୁ ରକ୍ଷା କରୁଛି । ତେବେ ନଦୀ ପରିଚାଳନା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବାରୁ ଆଗାମୀ ଦିନରେ ଏହା ସମସ୍ୟା ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଶିକ୍ଷାବିତ୍ ଭୁବନମୋହନ ଜେନା, ସାମାଜିକ କର୍ମୀ ସୁନୀଲ କୁମାର ଗନ୍ତାୟତ, ପ୍ରତାପ କୁମାର ତ୍ରିପାଠୀ, ବାନାମ୍ବର ସାହୁ, ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ନଦୀ ଜଳ ପରିଚାଳନାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସେମାନେ କହିଛନ୍ତି, ଓଡ଼ିଶା ଓ ଛତିଶଗଡ଼ ସରକାର ମହାନଦୀର ଜଳ ପ୍ରବାହ ବିବାଦକୁ ତୁରନ୍ତ ସମାଧାନ କରିବା ଦରକାର । ତଳ ମୁଣ୍ଡରେ ଥିବା କେନ୍ଦ୍ରାପଡ଼ା ଜିଲା ଏଥିନେଇ ବହୁ ଭାବେ ପ୍ରଭାବିତ ହେଉଥିବା ବେଳେ ଆଗାମୀ ଦିନରେ ହେବାକୁ ଥିବା ଷ୍ଟିଲ୍ ପ୍ଲାଣ୍ଟ ଓ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ଉପରେ ପ୍ରଭାବ ପଡିବ । ସେହିପରି ଯାଜପୁରଠାରେ ବ୍ୟାରେଜ ନିର୍ମାଣ ପରେ ଜାତୀୟ ଉଦ୍ୟାନ ଭିତରକନିକାକୁ ବୈତରଣୀ ନଦୀର ଜଳ ପ୍ରବାହ କମିବ । ବ୍ରାହ୍ମଣୀ ନଦୀ ଉପର ମୁଣ୍ଡରେ ରେଙ୍ଗାଲି ପ୍ରୋଜେକ୍ଟ ନିର୍ମାଣ ଚାଲିଛି । ଏହା ଚାଷ ପାଇଁ ବ୍ୟବହାର ହେବ । ସେହିପରି ଏହି ନଦୀ ଜଳ ଉପରେ କଳିଙ୍ଗ ନଗର ଶିଳ୍ପାଞ୍ଚଳ ନିର୍ଭର କରୁଛି । ଉକ୍ତ ଶିଳ୍ପାଞ୍ଚଳର ୧୦ରୁ ଉର୍ଦ୍ଧ୍ୱ ଶିଳ୍ପ ପାଇଁ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରୁ ୧୨୦ କ୍ୟୁସେକ ପାଣି ଉତ୍ତୋଳନ ହେଉଛି । ପଙ୍କପାଳସ୍ଥିତ ବ୍ରାହ୍ମଣୀ ନଦୀ ମୁହାଣରେ ଇଡ୍‌କୋ ପକ୍ଷରୁ ଉଚ୍ଚଶକ୍ତି ସମ୍ପନ୍ନ ପମ୍ପ ହାଉସ ନିର୍ମାଣ କରାଯାଇଛି । ସେହିପରି ବ୍ରାହ୍ମଣୀର ଶାଖା ନଦୀ ଖରସ୍ରୋତାରୁ ମାର୍ଥାପୁରଠାରେ ଶିଳ୍ପକୁ ପାଣି ଯୋଗାଣ ହେଉଛି । ଆଗାମୀ ଦିନରେ ମେସ୍କୋ, ମୈଥାନ ଆଦି ଶିଳ୍ପ ବ୍ରାହ୍ମଣୀ ନଦୀକୁ ଉପଯୋଗ କରିବେ । ଶିଳ୍ପ ପରି ରାଜ୍ୟ ସରକାର କୃଷି ଓ ପାନୀୟ ଜଳକୁ ଗୁରୁତ୍ୱ ଦେଉଛନ୍ତି । ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରୁ ବିଞ୍ଝାରପୁର, ଯାଜପୁର, କୋରେଇ ଓ ରସୁଲପୁର ବ୍ଲକ ଅଞ୍ଚଳର ୨୮୦ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ମଞ୍ଜୁରୀ ଦିଆଯାଇଛି । ଏଥିସହିତ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହାରେ ଖରସ୍ରୋତା ନଦୀରୁ ଭଦ୍ରକର ୪ ବ୍ଲକ ଅଞ୍ଚଳ ପାଇଁ ପ୍ରକଳ୍ପ ଆରମ୍ଭ ହୋଇଥିବା ବେଳେ ନିକଟରେ ଆଳି, ରାଜନଗର, ରାଜକନିକା ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳକୁ ପିଇବା ପାଣି ଯୋଗାଇବା ପାଇଁ ଜଳ ଜୀବନ ମିଶନରେ ବ୍ୟୟ ବରାଦ ହୋଇଛି। ଏହା ବ୍ୟତୀତ କୃଷି ପାଇଁ ଜିଲାରେ ପ୍ରବାହିତ ବହୁ ନଦୀରେ ପ୍ରକଳ୍ପ ଅଛି । ନଦୀ ଜଳର ପରିଚାଳନା ଦ୍ୱାରା ସ୍ଥାନୀୟ ଜିଲାବାସୀଙ୍କ ସୁଖ ସମୃଦ୍ଧି ବଢ଼ିବ । ପାନୀୟ ଜଳ ସହ କୃଷି ଓ ପରିବେଶକୁ ଗୁରୁତ୍ୱ ଦେବା ଆବଶ୍ୟକ। ଅପରପକ୍ଷେ ଜିଲାର ଭୂତଳ ଜଳ ଚିନ୍ତାଜନକ ସ୍ଥିତିରେ ଥିବା ବିଭିନ୍ନ ସର୍ଭେ ରିପୋର୍ଟରୁ ଜଣାପଡିଛି।

୨୦୧୭ରେ କେନ୍ଦ୍ର ଭୂତଳ ଜଳ ବୋର୍ଡ ଦ୍ୱାରା ହୋଇଥିବା ସର୍ଭେ ରିପୋର୍ଟ ଅନୁଯାୟୀ, ଆଗାମୀ ୩ ଦଶନ୍ଧିରେ ବ୍ରାହ୍ମଣୀରେ ଯେତିକି ଜଳ ପ୍ରବାହିତ ହେବ, ତା’ଠାରୁ ପ୍ରାୟ ୩ ହଜାର କ୍ୟୁବିକ ମିଟର ଅଧିକ ଜଳ ଆବଶ୍ୟକ କରିବ । ରାଜ୍ୟରେ ଉପଲବ୍ଧ ହେଉଥିବା ମୁଣ୍ଡପିଛା ହାରାହାରି ଜଳ ପରିମାଣ ଦ୍ରୁତ ବେଗରେ ହ୍ରାସ ପାଉଥିବା ବେଳେ ମହାନଦୀ, ବ୍ରାହ୍ମଣୀ ପରି ପ୍ରମୁଖ ନଦୀଗୁଡିକରେ ଯେଉଁ ଜଳାଭାବ ଦେଖାହେବ, ସେଥିଯୋଗୁ ମୁଣ୍ଡ ପିଛା ଜଳ ଉପଲବ୍ଧତା ଆହୁରି ହ୍ରାସ ପାଇବ ବୋଲି ସେମାନେ ଆଶଙ୍କା କରିଛନ୍ତି।

### ୨୭ରେ ରାଜ୍ୟ ଅମଲା ସଂଘ ଆନ୍ଦୋଳନ

ପାଣିକୋଇଲି, ୧୩ା୧୧

ପାଣିକୋଇଲିସ୍ଥିତ ମା’ତାରିଣୀ ମହାବିଦ୍ୟାଳୟ ପରିସରରେ ରବିବାର ଯାଜପୁର ଜିଲା ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଅମଲା ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ ସଭାପତି ହେମନ୍ତ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ନାତକ ଶିକ୍ଷା ଭିତ୍ତିକ ଯୋଗ୍ୟତା ଦରମା ୪୨ଶହ ଗ୍ରେଡ ପେ କରିବାକୁ ଦାବି ହୋଇଥିଲା । ସମ୍ପାଦକ ସଞ୍ଜୀବ କୁମାର କର ଏହି ଆଲୋଚନାରେ ଭାଗନେଇ ୨୭ ନଭେମ୍ବରରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟ ଅମଲା ସଂଘ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ବୈଠକରେ ବାବା ହରେକୃଷ୍ଣ ସୁକୁମାର ମହାନ୍ତି, ଅନିଲ କୁମାର ସାମଲ, ରବୀନ୍ଦ୍ର କୁମାର ନାୟକ, ସୁଶାନ୍ତ କୁମାର ପଣ୍ଡା, ବିରଜାଶଙ୍କର ନାୟକ, ବାସନ୍ତୀ ବେହେରା, ମଦୁସୂଦନ ପଣ୍ଡା, ଶାନ୍ତନୁ କୁମାର ପହୀ, ପ୍ରଦୀପ କୁମାର ସାହୁ, କ୍ଷୀରୋଦ କୁମାର ରାଉତ, କଲ୍ୟାଣୀ ପରିଡା, ଶରତ ଚନ୍ଦ୍ର ମିଶ୍ର, ଧନେଶ୍ୱର ରାଉତ, ଅଜୟ କୁମାର ପାତ୍ର, ବୈକୁଣ୍ଠ ନାଥ ସେନାପତି ପ୍ରମୁଖ ଯୋଗଦେଇଥିଲେ । ଶେଷରେ ମହେଶ୍ୱର ସେଠୀ ଧନ୍ୟବାଦ ଦେଇଥିଲେ ।

# ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ନିର୍ଦ୍ଦେଶ

### ପଟ୍ଟାମୁଣ୍ଡାଇ ପୌର ପରିଷଦ ବୈଠକ

ପଟ୍ଟାମୁଣ୍ଡାଇ,୧୩ା୧୧(ସ୍ୱ.ପ୍ର.)



ପୌର ପରିଷଦ ବୈଠକରେ ଯୋଗଦେଇଥିବା ଜନପ୍ରତିନିଧି ।

ରାଜ୍ୟରେ ପଟ୍ଟାମୁଣ୍ଡାଇ ପୌର ପରିଷଦର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ଓ ବିଧାୟକ ଧ୍ରୁବ ସାହୁଙ୍କ ନେତୃତ୍ୱରେ ପୌର ପରିଷଦର ବିକାଶ ପାଇଁ ବହୁ କୋଟି ଟଙ୍କା ବ୍ୟୟରେ ଏକାଧିକ ବୃହତ୍ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ ସହ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପଟ୍ଟାମୁଣ୍ଡାଇ ପୌର ପରିଷଦ ବୈଠକରେ ପୌରାଧ୍ୟକ୍ଷ ହେମନ୍ତ ସାହୁ ନିର୍ଦ୍ଦେଶ ଦେଇଛନ୍ତି ।

ରବିବାର ପଟ୍ଟାମୁଣ୍ଡାଇ ପୌର ପରିଷଦର ବୈଠକ ପରିଷଦର ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ପୌର ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷତଃ ବିଭିନ୍ନ ୱାର୍ଡର ରାସ୍ତାଘାଟ ମରାମତି ଓ ପୁନଃନିର୍ମାଣ, ଡ୍ରେନ, କଲଭର୍ଟ ନିର୍ମାଣ, ପାନୀୟଜଳ,ଉଜ୍ୱଳ ଆଲୋକ ବ୍ୟବସ୍ଥା,ପରିମଳ,ମହିଳା ଓ ଶିଶୁ ବିକାଶ,ସାଧାରଣ ବଣ୍ଟନ, ରାଶନକାର୍ଡ, ଭତ୍ତା, ଆବାସ, ଉଠା ଦୋକାନୀ ସମସ୍ୟା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । କାଉନସିଲର ଗୋପୀବଲ୍ଲଭ ନାୟକ, ଲାସ୍ୟମୟୀ ସାହୁ, ସାନିଆ ପରମିନ,ପ୍ରଶାନ୍ତ ବାରିକ, ମୃତ୍ୟୁଞ୍ଜୟ ପାଢ଼ୀ, ପ୍ରିୟଙ୍କା ସେଠୀ, ଲକ୍ଷ୍ମୀପ୍ରିୟା ସାହୁ,ସୁବାସ ମଲ୍ଲିକ, ସନ୍ତୋଷ ଦାସ, ରୀନାରାଣୀ ମଲ୍ଲିକ, ସୁଧାମୟ ମଲ୍ଲିକ, ମଧୁସ୍ମିତା ମଲ୍ଲିକ, ଝରଣା ବେହେରା,ମଳୟ ଓଝା, ସମ୍ରାଟ କେଶରୀ ଜେନା, ବନିତା ମଲିକ,ଶ୍ରୀମତୀ ମଲ୍ଲିକ,ବିଦ୍ୟାଧର ସେଠୀ ପ୍ରମୁଖ ନିଜ ନିଜ ୱାର୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ପୌର ପରିଷଦର ଦୃଷ୍ଟି ଆକର୍ଷଣ କରିଥିଲେ। ପୌରାଧ୍ୟକ୍ଷ ସାହୁ ଅଧାପନ୍ତରିଆ ଭାବେ ପଡି ରହିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ସିଡିପିଓ ମୁକ୍ତରୀ ବେଗମ, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଠୀ, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ସୁଦାମ ସାହୁ, ସହକାରୀ ଯନ୍ତ୍ରୀ ସୁଶୀଲ ବେହେରା, ପ୍ରତ୍ୟୁଷ ବ୍ରହ୍ମା, ସଂଘମିତ୍ରା ଦାସ ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଉପାଧ୍ୟକ୍ଷା ଅନୁପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକକୁ ପୌରପରିଷଦ ପକ୍ଷରୁ ଅଭୟ ଦାଶ, ସତ୍ୟାନନ୍ଦ ସାହୁ, ସରୋଜ ପଣ୍ଡା,ରାଜକିଶୋର ଦାସ, ପ୍ରଫୁଲ୍ଲ ଦାଶ, ମାମିନୀ ପଣ୍ଡା, ହୃଷିକେଶ ନାଥ ପ୍ରମୁଖ ପରିଚାଳନା କରିଥିଲେ ।

# ୨ ଅନଶନକାରୀଙ୍କୁ ରାତିରେ ଉଠାଇ ନେଲା ପୋଲିସ

ତିର୍ତ୍ତୋଲ,୧୩ା୧୧(ଡି.ଏନ.ଏ.)

### ଶାରଳା ସମବାୟ ସୂତାକଳ ପୁନରୁଦ୍ଧାର ଦାବିରେ ଅନଶନ ଘଟଣା

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ନାଉସିରାସ୍ଥିତ ଶାରଳା ସମବାୟ ସୂତାକଳର ଋଣ ପରିଶୋଧ ଓ ପୁନରୁଦ୍ଧାର ଦାବିରେ ଆମରଣ ଅନଶନ ଚାଲିଛି । ଏହି ଅନଶନରେ ବସିଥିବା ୨ ଅନଶନକାରୀଙ୍କୁ ଶନିବାର ପୋଲିସ ଉଠାଇ ନେଇ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି । ଶନିବାର ଅଧରାତିରେ ତିର୍ତ୍ତୋଲ ଥାନା ଅଧିକାରୀ ଯୁଗଳ କିଶୋର ଦାସ, ତହସିଲଦାର ଅମୂଲ୍ୟ କୁମାର ସାହୁ ଦୁଇ ପ୍ଲାଟୁନ ପୋଲିସ ସହ ଅନଶନସ୍ଥଳରେ ପହଞ୍ଚି ଅନଶନରେ ବସିଥିବା କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ ଓ ସାମାଜିକ କର୍ମୀ ଜ୍ୟୋତିରଞ୍ଜନ ମଲ୍ଲିକଙ୍କୁ ଜୋର ଜବରଦସ୍ତ ଉଠେଇ ନେଇ ଯାଇଥିଲେ । ଜଗତ୍‌ସିଂହପୁର ମେଡିକାଲରୁ ଇଂ. ମଲ୍ଲିକ ତାଙ୍କ ଅନଶନ ଜାରି ରଖିବେ ବୋଲି ଘୋଷଣା କରିଛନ୍ତି । ଏବେ ବି ତାଙ୍କ ଆମରଣ ଅନଶନ ଚାଲୁ ରହିଛି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଆଗକୁ ଜାରି ରହିବ ବୋଲି ମଲ୍ଲିକ ସୂଚନା ଦେଇଛନ୍ତି ।



ଜଗତ୍‌ସିଂହପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ହିମାଂଶୁ ଭୂଷଣ ମଲ୍ଲିକ, ଜ୍ୟୋତି ମଲ୍ଲିକଙ୍କ ଚିକିତ୍ସା ଚାଲିଛି ।

# କଳିଙ୍ଗ ବାଲିଯାତ୍ରାର ସପ୍ତମ ସନ୍ଧ୍ୟାରେ ଅସମ୍ଭାଳ ଭିଡ଼

ପାରାଦୀପ,୧୩ା୧୧(ସ୍ୱ.ପ୍ର.)

ପାରାଦୀପର କଳିଙ୍ଗ ବାଲିଯାତ୍ରାରେ ରବିବାର ଅସମ୍ଭାଳ ଭିଡ଼ ହୋଇଛି । ଛୁଟିଦିନ ଥିବାରୁ ଏବଂ ବାଲିଯାତ୍ରା ସରିଆସୁଥିବାରୁ ଲୋକମାନେ ବେଶିମାତ୍ରାରେ ଯୋଗ ଦେଇଛନ୍ତି । ଏପରି କି ଅପରାହ୍ଣ ୪ଟାରୁ ସମୁଦ୍ର ବେଳାଭୂମି ଅଞ୍ଚଳ ଲୋକାରଣ୍ୟ ହୋଇ ଉଠିଛି । ପୂର୍ବାହ୍ଣରେ କବିତା ପାଠ, ଅପରାହ୍ଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ରାତିରେ ମେଲୋଡି ଓ ହାସ୍ୟ ଅଭିନେତା ପପୁ ପମ୍‌ପମ୍ ମଞ୍ଚରେ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



କଳିଙ୍ଗ ବାଲିଯାତ୍ରାରେ ରବିବାର ଲୋକଙ୍କ ଭୀଡ଼ ଜମିଛି ।



ଗ୍ରାହକମାନେ ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ସହ କିଣାକିଣି କରୁଛନ୍ତି ।







କଳିଙ୍ଗ ବାଲିଯାତ୍ରାର ସପ୍ତମ ସନ୍ଧ୍ୟାରେ ମଞ୍ଚରେ ଆୟୋଜନ କରାଯାଇଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ କରୁଛନ୍ତି ।

# ସରକାରୀ ଫାର୍ମରେ ବେସରକାରୀ କାରବାର

**ଜଗତ୍‌ସିଂହପୁର ଅଫିସ, ୧୩।୧୧**

ତିର୍ତ୍ତୋଲ ଚେରିତୋଳସ୍ଥିତ ଉଦ୍ୟାନ କୃଷି ବିଭାଗର ଶାରଳା ବାମନ ନଡ଼ିଆ ଫାର୍ମରେ ବେସରକାରୀ କାରବାର ଚାଲିଥିବା ଗୁରୁତର ଅଭିଯୋଗ ହେଉଛି। ନର୍ସରୀରେ କେବଳ ସରକାରୀ ଡେଙ୍ଗା ନଡ଼ିଆ ସାଙ୍ଗକୁ ଅନ୍ୟାନ୍ୟ ଫୁଲ ଓ ଫଳଚାରା ଚାଷୀଙ୍କୁ ଦିଆଯିବା ବ୍ୟବସ୍ଥା ଅଛି। କିନ୍ତୁ ବିଭିନ୍ନ ପ୍ରକାର ବାମନ ନଡ଼ିଆ ଚାରା ଅବାଧରେ ବିକ୍ରି ହେଉଛି। ସେହିପରି ହାଇବ୍ରିଡ୍ ଫୁଲ ଓ ଫଳ ମଧ୍ୟ ବିକ୍ରି କରାଯାଉଛି। ଏହା ଉପରେ ଜିଲାପାଳ, ଉଦ୍ୟାନ କୃଷି ନିର୍ଦ୍ଦେଶକ ଓ କୃଷି ସଚିବ ଦୃଷ୍ଟି ଦେବାକୁ ଦାବି ହୋଇଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ ଭାବେ ଡେଙ୍ଗା ନଡ଼ିଆ ଚାରା ଗୋଟା ୬୪ ଟଙ୍କାରେ ବିକ୍ରି ହେବା ବ୍ୟବସ୍ଥା ଅଛି। କିନ୍ତୁ ଶାରଳା ବାମନ ନଡ଼ିଆ ଫାର୍ମରେ ଅରେଞ୍ଜ ଓ ମାଲେସିଆ ଭେରାଇଟିର ନଡ଼ିଆ ଚାରା ମଧ୍ୟ ଖୁଲମଖୁଲା ବିକ୍ରି ଚାଲିଛି। ଏ ସମ୍ପର୍କରେ ଜଣେ ବ୍ୟକ୍ତିଙ୍କ ଅଭିଯୋଗ ହେଲା ବାମନ ନଡ଼ିଆ ଅର୍ଥାତ୍ ଅରେଞ୍ଜ ଚାରା ଗୋଟା ୪୦୦ ଓ ମାଲେସିଆ ଭେରାଇଟିର ଦାମ୍ ୫୦୦ ଟଙ୍କାରେ ବିକ୍ରି ଚାଲିଛି। ନିକଟରେ ଏକ ଟ୍ରକ୍ ବାମନ ନଡ଼ିଆ ଓ ଉନ୍ନତ ମାନର ଗୁଆ, ଲେମ୍ବୁ, ହାଇବ୍ରିଡ୍ ଫୁଲ ଚାରା ବାହାର ରାଜ୍ୟରୁ ଆସିଥିଲା। ଫାର୍ମରେ ଏଗୁଡ଼ିକୁ କିଣିବା ପାଇଁ ଲମ୍ବା ଧାଡି ଲାଗିଥିଲା। ସରକାରୀ ଭାବେ ବିକ୍ରି ହେଉଥିବା ଲେମ୍ବୁ ଦର ୧୦, ଅମୃତ ଭଣ୍ଡା ୭, ସଜନା ୭ ଓ ଆମ୍ବ ୩୩ ଟଙ୍କା ଥିବାବେଳେ ଏଗୁଡ଼ିକ ବିକ୍ରି ପରିବର୍ତ୍ତେ ବାମନ ଓ ହାଇବ୍ରିଡ୍ ନଡ଼ିଆ ଚାରା ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ଏପରିକି ଡେଙ୍ଗା ନଡ଼ିଆ ବିକ୍ରି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉ ନାହିଁ। ବାମନ ନଡ଼ିଆ ଚାରା କେଉଁଠୁ ଆସିଛି ପଚାରିବାରୁ ଏହା କଲିକତାରୁ ଆସିଥିଲା ବୋଲି ଚାରା ବିକୁଥିବା କାଳିଆ ଦାସ ସୂଚନା ଦେଇଛନ୍ତି। ସେ କହିଥିଲେ, କଲିକତାର ଯେଉଁ ଫାର୍ମରୁ ସରକାରୀ ଚାରା ଆସେ ସେ ସ୍ଥାନରୁ ଏହି ନଡ଼ିଆ ଓ ହାଇବ୍ରିଡ୍ ଫୁଲ ଆଦି କିଣାଯାଇଥାଏ। ଯେହେତୁ ସରକାରୀ ଖର୍ଚ୍ଚରେ ଗାଡି ଆସିଥାଏ, ତେଣୁ ସେଥିରେ ଏହି ଚାରା ନେଇ ଆସିଲେ ବିଶେଷ ଖର୍ଚ୍ଚ ପଡେ ନାହିଁ। ସବୁବେଳେ ବାମନ ନଡ଼ିଆ କିମ୍ବା ହାଇବ୍ରିଡ୍ ଫୁଲ, ଗୁଆ ଆଦି ଆସି ନ ଥାଏ। ଲୋକେ ଆବଶ୍ୟକ କଲେ ବାହାରୁ ମଗାଯିବା ପାଇଁ ବ୍ୟବସ୍ଥା କରାଯାଏ। ହେଲେ ବିଲ୍ ଦେବା ଉପରେ କହିଥିଲେ, ଏବେ ଏହା ଦେଇହେବ ନାହିଁ। କେବଳ ରଥ ବେଳେ ଅର୍ଥାତ୍ ଜୁଲାଇରେ ପ୍ଲାଣ୍ଟେସନ୍ ସମୟରେ ବିଲ୍ ମାଗିଲେ ଦିଆଯିବା ବ୍ୟବସ୍ଥା କରାଯିବ। ଏଥିରୁ ସ୍ପଷ୍ଟ ଯେ ବିନା ବିଲ୍‌ରେ ନଡ଼ିଆ ଚାରା ଦିଆଯାଉଥିବାରୁ ତା'ଉପରେ କୌଣସି ସମୟରେ କେହି ଅଭିଯୋଗ କରିପାରିବେ ନାହିଁ। ବାମନ ନଡ଼ିଆ ଲଗାଇବାର ସାଢେ ୩ ବର୍ଷ ପରେ ଫଳ ଫଳିବା କୁହାଯାଉଛି। ଯଦି ଏହି ଚାରା ମାଡ ଖାଇଯିବ ତେବେ ଚାଷୀ କେଉଁଠିକୁ ଯିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଯେହେତୁ ସରକାରୀ ଫାର୍ମରେ ବେଆଇନ ଭାବେ ବାମନ ନଡ଼ିଆ ବିକ୍ରି ହେଉଛି ତେଣୁ ବିଲ୍ ଦେବା ସମ୍ଭବ ହେଉ ନ ଥିବାରୁ ଏଭଳି କୁହାଯାଉଛି।

ଏ ସମ୍ପର୍କରେ କାଳିଆ କହିଛନ୍ତି, ବର୍ଷକରେ ଥରେ କେବଳ ଜୁଲାଇ ମାସରେ ୨୦୦/୩୦୦ ବାମନ ନଡ଼ିଆ ଚାରା କଲିକତାରୁ କିଣାଯାଇଥାଏ। କେବଳ ନଡ଼ିଆ ନୁହେଁ, ହାଇବ୍ରିଡ୍ ଫୁଲ ଓ ଅନ୍ୟ ଉନ୍ନତ ମାନର ଫଳ ଚାରା ବାହାରୁ କିଣାଯାଇ ବିକ୍ରି କରାଯାଉଛି। ଏହା ନେବା ପାଇଁ ଲୋକେ ଆଗୁଆ ବରାଦ କରିଥାନ୍ତି। ଅନ୍ୟ କେତେଜଣ କହିଛନ୍ତି, ଏସବୁ ଭେରାଇଟିର ହାଇବ୍ରିଡ୍ ଫୁଲ ଓ ଫଳ ଚାରା ଆନ୍ଧ୍ର, କଲିକତା ଓ ରାଞ୍ଚି ଆଦିରୁ ବିଭିନ୍ନ ସମୟରେ ଆସୁଛି। ସରକାରଙ୍କ ତରଫରୁ କିଛି ଚାରା ମାଗଣା ଦିଆଯିବା ବ୍ୟବସ୍ଥା ଥିଲେ ସୁଦ୍ଧା ତାହା ଦିଆଯାଉନାହିଁ। ଲାଭ ଆଶାରେ ବାହାର ରାଜ୍ୟରୁ ଆସୁଥିବା ଚାରା ବିକ୍ରି ଉପରେ ଧ୍ୟାନ ଦିଆଯାଉଛି। ଏହି ନର୍ସରୀରେ ଅନେକ ପ୍ରକାରର ଚାରା ଉତ୍ପାଦନ ପାଇଁ ସରକାରୀ ଅନୁଦାନ ଆସୁଛି, କିନ୍ତୁ ଅର୍ଥ ବାଟମାରଣା ହେଉଛି। ତିର୍ତ୍ତୋଲ ଚେରିତୋଳ ବାଲିଯାତ୍ରାରେ ଷ୍ଟଲ ପାଇଁ ୭୫ ହଜାର ଟଙ୍କା ଖର୍ଚ୍ଚ ବରାଦ ହୋଇଛି। କିନ୍ତୁ ବାସ୍ତବରେ ୧୫/୨୦ ହଜାର ଟଙ୍କା ଭିତରେ ଖର୍ଚ୍ଚ କରି ଅବଶିଷ୍ଟ ଆତ୍ମସାତ୍ ପାଇଁ ଉଦ୍ୟମ ହୋଇଛି। ସରକାରୀ ଫାର୍ମରେ ବିଭାଗୀୟ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏବଂ ଓଭରସିୟରଙ୍କ ସଲାସୁତୁରାରେ ଏଭଳି ବେଆଇନ କାରବାର ଚାଲିଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ଓଭରସିୟର ଦୀପକ ରଞ୍ଜନ ପାଇକରାୟଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ବାମନ ନଡ଼ିଆ ବିକ୍ରି ହେଉ ନାହିଁ। ବ୍ୟକ୍ତିଗତ ଭାବେ ଚାହିଁଲେ ମଗାଇ ହେବ ବୋଲି କହିଥିଲେ। ତିର୍ତ୍ତୋଲ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶ୍ୱେତପଦ୍ମା ଭୋଇ କହିଛନ୍ତି, ଯେଉଁମାନେ ବାମନ ନଡ଼ିଆ ଆଦି ଚାହାନ୍ତି ସେମାନଙ୍କୁ ଓଭରସିୟର ପାଇକରାୟ ବାବୁ ଦେବା ପାଇଁ ବ୍ୟବସ୍ଥା କରିଥାନ୍ତି। କିନ୍ତୁ ଫାର୍ମରେ ବାମନ ନଡ଼ିଆ ବିକ୍ରି ହେଉନାହିଁ ବୋଲି ଭୋଇ କହିଛନ୍ତି। ଏହା ଉପରେ ବିଧିବଦ୍ଧ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଚର୍ଚ୍ଚା ହେଉଛି।


ଫାର୍ମରେ ରଖାଯାଇଥିବା ବାମନ ନଡ଼ିଆ ଚାରା ।

**ତିର୍ତ୍ତୋଲସ୍ଥିତ ଶାରଳା ବାମନ ନଡ଼ିଆ ଫାର୍ମ**

■ ଲାଭ ଉଠାଉଛନ୍ତି ସରକାରୀ ଅଧିକାରୀ

## ସଂକ୍ଷେପରେ

### ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବାଲିଆ,୧୩।୧୧(ସ୍ୱ.ପ.): ବିରିଡି ବ୍ଲକ ଅନ୍ତର୍ଗତ ବତୀମିରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଶିଶୁବିଦ୍ୟାମନ୍ଦିର ପରିଚାଳନା କମିଟି ସମ୍ପାଦକ ବିକ୍ରମ ଦାଶଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସଭା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଇଂ.ପ୍ରକାଶଚନ୍ଦ୍ର ସେଠୀ ଯୋଗଦେଇ ଥିଲେ। ସମ୍ମାନିତ ଅତିଥିଭାବେ ସାରସୁଧା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ସ୍ୱାଇଁ, ଅନିତା ରାଉତରାୟ, ମନୋରମା ବାରିକ, ବଳରାମ ମଲିକ ଓ ପ୍ରମୋଦ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସୁବାସିନୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ମଧୁସୂଦନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁବାସ ଦାସ, ଆଚାର୍ଯ୍ୟ ବିଶ୍ୱଜିତ ଓ ସତ୍ୟବ୍ରତ ରାଉତରାୟ କ୍ରୀଡା ପରିଚାଳନା କରିଥିଲେ। କ୍ରୀଡ଼ାରେ ଚାମ୍ପିୟନ ହୋଇଥିବା ଅଂଶୁମାନ ନାୟକ, ପ୍ରତ୍ୟୁଷ ଜେନାଙ୍କ ସହ ଅନ୍ୟାନ୍ୟ ବିଭାଗରେ ପ୍ରଥମ, ଦ୍ୱିତୀୟ, ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଭିଭାବକ ଦୀପ୍ତି ପରିଜା, ସରୋଜ ବାରିକ, ଯଯାତି ରାଉତ, ସଞ୍ଜୀବ ବିଶୋଇ, ଉପେନ୍ଦ୍ର ମହାରଣା, ସେବରା ବେଗମ ଓ ସଲିର ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ ଏଥିରେ ସହାୟତା କରିଥିଲେ।

### ଅରାଖଣ୍ଡରେ ମାଗଣା ସ୍ୱାସ୍ଥ୍ୟ ଶିବିର

ଡେରାବିଶ ୧୩।୧୧(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ଅରାଖଣ୍ଡସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଡା. ଦେବେନ୍ଦ୍ର ପଣ୍ଡାଙ୍କ ସ୍ମୃତିରେ ଝିଅ ସାମାଜିକ କର୍ମୀ ମନିଷାଙ୍କ ଉଦ୍ୟମରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ କରାଯାଇଥିଲା। ଏହାକୁ ସ୍ଥାନୀୟ ସରପଞ୍ଚ ଦୁର୍ଯ୍ୟୋଧନ ମଲିକ ଉଦ୍‌ଘାଟନ କରିଥିଲେ। ଏଥିରେ ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ବଟକୃଷ୍ଣ ସାମଲ, ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ଭେଷଜ ବିଶେଷଜ୍ଞ ଡା. ଜୟନ୍ତ କୁମାର ସାହୁ ଓ ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ରାଜେଶ ବେହେରା ଉପସ୍ଥିତ ରହି ୨୦୦ରୁ ଉର୍ଦ୍ଧ୍ୱ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଆବଶ୍ୟକ ଔଷଧକୁ ମାଗଣାରେ ପ୍ରଦାନ କରାଯାଇଥିଲା। ଶିବିର ପରିଚାଳନାରେ ସନ୍ତୋଷ ମଲ୍ଲିକ, ଅରାଖଣ୍ଡ ଓ ପଚିଶିମାଣିଆର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ସହଯୋଗ କରିଥିଲେ।

# ମେହନତି ମଣିଷଙ୍କ ଜୀବନ ଯନ୍ତ୍ରଣାକୁ ଶବ୍ଦରେ ଉତାରିବାକୁ ପରାମର୍ଶ

**ରାଜନଗର,୧୩।୧୧(ଡି.ଏନ.ଏ.)**

ଓଡ଼ିଶାର ଅନ୍ୟତମ ସାରସ୍ୱତ ପ୍ରତିଷ୍ଠାନ ଦଧୀଚି ପକ୍ଷରୁ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବିଲକାଲୁପଡାସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ଆୟୋଜିତ ଉତ୍ସବକୁ ପ୍ରାବନ୍ଧିକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ । ପ୍ରଗତିଶୀଳ ସାହିତ୍ୟ ଅନୁଷ୍ଠାନ ଦଧୀଚିର ସାରସ୍ୱତ ଆଭିମୁଖ୍ୟକୁ ସେ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଭାବେ ବିପ୍ଳବୀ କବି ପୀତାମ୍ବର ତରାଇ ଯୋଗଦେଇ ଆଧୁନିକ କାବ୍ୟ କବିତାର ଆଦ୍ୟଧାରା ଉପରେ ଆଲୋଚନା କରି ଯୁବକବି ଓ ଲୋକମାନେ ଆଜିର ବସ୍ତୁବାଦୀ ଦୁନିଆରେ ମେହନତି ମଣିଷର ଜୀବନ ଯନ୍ତ୍ରଣାକୁ ଶବ୍ଦରେ ଉତାରିବାକୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ବକ୍ତା ଭାବେ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳ ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟ ସହିତ ରାଜନଗର ମାଟିର ସୁଦୀର୍ଘ ଇତିହାସ ଉପରେ ଆଲୋଚନା କରିଥିଲେ। କବି ପ୍ରେମାନନ୍ଦ ଖଣ୍ଡୁଆଳଙ୍କ ପ୍ରଥମ ସାତଭାୟା କବିତା ସଂକଳନ ମାଧ୍ୟମରେ ସମୁଦ୍ର ମଣିଷଙ୍କ ଜୀବନ ଓ ଭାଗବତ ସମ୍ପର୍କ ଉପରେ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବେ ସମବାୟବିତ୍ ପ୍ରମୋଦ କୁମାର ସାହୁ, ଗାଳ୍ପିକ ତଥା ପ୍ରାଧ୍ୟାପକ ରତ୍ନାକର ନାୟକ, ପ୍ରାଧ୍ୟାପିକା ଭଗବତୀ ରାଉତ, ବରିଷ୍ଠ ଖବରଦାତା ଭାସ୍କର ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦଧୀଚିର ମୁଖ୍ୟ ଆୟୋଜକ କବି ପ୍ରେମାନନ୍ଦ ଖଣ୍ଡୁଆଳ ସାରସ୍ୱତ ସମାରୋହର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ କବି ପ୍ରାଧ୍ୟାପକ ସଂଗ୍ରାମ କେଶରୀ ମଲ୍ଲିକ ଏଥିରେ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ବରିଷ୍ଠ କବି ଡ. ଶ୍ରୀହରି ଧଳଙ୍କୁ ଦଧୀଚି କବିତା ପୁରସ୍କାର ପ୍ରଦାନ କରାଯାଇଥିଲା। କଥାକାର ପ୍ରଦୀପ ନାୟକଙ୍କୁ ଦଧୀଚି ଗଳ୍ପ ପୁରସ୍କାର, କବି ଅଭିରାମ ସାହୁ, ଡ. ଶ୍ରୀଧର ସାମଲ, କବି ବୃନ୍ଦାବନ ଦାସ, କବି ସଚ୍ଚିଦାନନ୍ଦ ମିଶ୍ର, କବି ଶଶିକାନ୍ତ ଦାସ, ଖବରଦାତା ଜଗନ୍ନାଥ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବୟିତ୍ରୀ ପ୍ରଭାତୀ ମାଝିଙ୍କ ସଂଯୋଜନାରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଆୟୋଜନ କରାଯାଇଥିଲା। କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ଯୁବକବି ପବିତ୍ର ବ୍ରହ୍ମପୁତ୍ର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ମଧୁସୂଦନ ପରିଡା, ମନୋଜ ଖଣ୍ଡୁଆଳ, ପ୍ରମୋଦ ଦାସ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।



ଦଧୀଚି ସାରସ୍ୱତ ସମାରୋହରେ ଯୋଗଦେଇଥିବା ଅତିଥିବୃନ୍ଦ ।

**ଦଧୀଚି ପକ୍ଷରୁ ସାରସ୍ୱତ ସମାରୋହ, ସମ୍ବର୍ଦ୍ଧନା ଉତ୍ସବ**

# ମହୁମାଛି ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

**ମୋରଡ଼ା,୧୩।୧୧(ଡି.ଏନ.ଏ):**

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ରୁକୁଣୀ ଗ୍ରାମରେ ମହୁମାଛି ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ବୃଦ୍ଧ ଜଣଙ୍କ ହେଲେ ଉକ୍ତ ଗ୍ରାମର ବୃନ୍ଦାବନ ବେହେରା। ଏନେଇ ମୋରଡ଼ା ଥାନାରେ ନଂ. ୪୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ସୂଚନା ମିଳିଛି। ପୋଲିସ ସୂଚନା ମୁତାବକ, ବୃଦ୍ଧ ଜଣଙ୍କ ଶନିବାର କ୍ଷେତକୁ ବଳଦ ମଣିବାକୁ ନେଇଥିଲେ। ସେଠାରେ ତାଙ୍କ ଉପରେ ମହୁମାଛି ଆକ୍ରମଣ କରିଥିଲେ। ସେ ଜୀବନ ବଞ୍ଚାଇ ଦୌଡ଼ିବାକୁ ଚେଷ୍ଟା କରିଥିଲେ। କିନ୍ତୁ ମହୁମାଛିଙ୍କ ଆକ୍ରମଣରେ ସେଠାରେ ଅଚେତ ହୋଇଯାଇଥିଲେ। ଖବର ପାଇ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ପ୍ରଥମେ କିଶାନତାଣ୍ଡି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବାରିପଦା ମେଡିକାଲ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମିଶନ ଶକ୍ତି ସ୍ୱାବଲମ୍ବୀ ଗୃହ ଉଦ୍‌ଘାଟିତ


ମିଶନ ଶକ୍ତି ସ୍ୱାବଲମ୍ବୀ ଗୃହକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଉଦ୍‌ଘାଟନ କରୁଛନ୍ତି।

**ଆଳି,୧୩।୧୧(ଡି.ଏନ୍.ଏ.)**

ଆଳି ବ୍ଲକ ଅନ୍ତର୍ଗତ ଦଶିପୁର ପଞ୍ଚାୟତର ମିଶନ ଶକ୍ତି ସ୍ୱାବଲମ୍ବୀ ଗୃହ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଦଶିପୁର ସରପଞ୍ଚ ପ୍ରଦ୍ୟୋତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ମୁଖ୍ୟଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସାମଲ ତାଙ୍କ ବକ୍ତବ୍ୟରେ କହିଛନ୍ତି, ରାଜ୍ୟ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ମିଶନ ଶକ୍ତି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ମିଶନ ଶକ୍ତି ମାଧ୍ୟମରେ ମହିଳାମାନେ ବିଭିନ୍ନ କାମ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେମାନଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ ପଞ୍ଚାୟତ ସ୍ତରରେ ସ୍ୱାବଲମ୍ବୀ ଗୃହ ନିର୍ମାଣ କରାଯାଉଛି; ଯାହାଦ୍ୱାରା ମହିଳାମାନେ ସେହି ଗୃହରେ ବିଭିନ୍ନ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ କରିପାରିବେ। ସମ୍ମାନିତ ଅତିଥି ଭାବେ ବିଜେଡି ବ୍ଲକ ସଭାପତି ସନାତନ ମିଶ୍ର, ଡିଜିଟାଲ ସେକ୍ରେଟାରୀ ତଥା ସମିତି ସଭ୍ୟଙ୍କ ପ୍ରତିନିଧି ସୁରେଶ ବରଜ ଯୋଗଦେଇଥିଲେ ।



ବୈଠକରେ ଯୋଗଦେଇଥିବା ବାଲିଘର ସାହିତ୍ୟ ଅନୁଷ୍ଠାନର ସଦସ୍ୟମାନେ।

# ସାନ୍ତନୁଙ୍କୁ ମିଳିବ ବାଲିଘର ସାହିତ୍ୟ ସମ୍ମାନ ୨୦୨୩

**ତିର୍ତ୍ତୋଲ, ୧୩।୧୧ (ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲାର ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ବାଲିଘର ତରଫରୁ ବାଲିଘର ସାହିତ୍ୟ ସମ୍ମାନ-୨୦୨୩ ପ୍ରତିଷ୍ଠିତ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କୁ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ଶାରଳା ପୀଠରେ ରବିବାର ବାଲିଘରର ୩୩ତମ ବାର୍ଷିକ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସ୍ଥାୟୀ ସଭାପତି ଅଜୟ କୁମାର ବେହେରା ସଭାପତିତ୍ୱ କରିଥିଲେ। ବୈଠକରେ ବାଲିଘର ଫାଉଣ୍ଡେଶନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁ ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଉପଦେଷ୍ଟା କବି ଉମାକାନ୍ତ ନାୟକ, ପୂର୍ବତନ ସରପଞ୍ଚ ବିଜୟ କୁମାର ଖଟେଇ, ଅଧ୍ୟାପକ ଜଗନ ମୋହନ ସାହୁ, ଦୂରଦର୍ଶନର ସ୍ୱୀକୃତିପ୍ରାପ୍ତ ଗୀତିକାର ଇନ୍ଦ୍ରମଣି ସାହୁ, ଉପଦେଷ୍ଟା ଭଞ୍ଜ କିଶୋର ବେଉରା, ପରିକ୍ଷିତ ମହାନ୍ତି, ଖବରଦାତା ଶ୍ରୀକାନ୍ତ ଦାଶ, ଜଗନ୍ନାଥ ସେଠୀ, ଅରୁଣା ଦାସ, ରମାକାନ୍ତ ରାଉଳଙ୍କ ଉପସ୍ଥିତିରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିସହ ବାଲିଘର ଶିଶୁ ସାହିତ୍ୟ ସମ୍ମାନ ଅରୁଣ ଚନ୍ଦ୍ର ମହାନ୍ତି, ଉପନ୍ୟାସ ସମ୍ମାନ ଔପନ୍ୟାସିକ ଭାଗୀରଥି ଦାସ, ଗଳ୍ପ ସମ୍ମାନ ଅରବିନ୍ଦ ରାୟ, କବିତା ସମ୍ମାନ ଅଙ୍ଗୁରବାଳା ପରିଡ଼ା, ପ୍ରବନ୍ଧ ସମ୍ମାନ ଜଗନମୋହନ ସାହୁ, ଗୀତିକବିତା ସମ୍ମାନ ବାବାଜୀ ଚରଣ ଜେନା, ଯୁବ ପ୍ରତିଭା ସମ୍ମାନ ନୃସିଂହ ତରାଇ ଓ ସାମାଜିକ ସେବା ସମ୍ମାନ ତପନ କୁମାର ସାମନ୍ତରାୟଙ୍କୁ ପ୍ରଦାନ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ଶେଷରେ ସଙ୍ଗଠନ ସମ୍ପାଦକ ଅମରଜ୍ୟୋତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜବରଦଖଲକାରୀଙ୍କ କବ୍‌ଜାରେ ତାରପୁର ବାଇପାସ ରୋଡ୍

**ରଘୁନାଥପୁର,୧୩।୧୧(ଡି.ଏନ୍.ଏ.)**

ରଘୁନାଥପୁର ତହସିଲ ଅନ୍ତର୍ଗତ କଟକ ପାରାଦୀପ ରାଜ୍ୟ ରାଜପଥର ତାରପୁର ବାଇପାସ୍ ରୋଡ୍‌କୁ କେତେଜଣ ସ୍ଥାନୀୟ ବ୍ୟବସାୟୀ ମାଡ଼ିବସି ଜବରଦଖଲରେ ରଖିଛନ୍ତି। ଫଳରେ ପଥଚାରୀମାନେ ଯାତାୟାତ ସମୟରେ ଅସୁବିଧା ଭୋଗୁଛନ୍ତି। ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହି ରାସ୍ତାରେ ବର୍ଷେ ହେବ ଜଣେ ବ୍ୟବସାୟୀ ବାଲି ଗଦାକରି ରଖିଥିବାରୁ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି।

ଏହାଛଡ଼ା ବିଭିନ୍ନ ଦୋକାନକୁ ସଉଦାପତ୍ର କିଣିବା ପାଇଁ ଆସୁଥିବା ବ୍ୟକ୍ତି ବାଇକ୍ ଓ କାର ପାର୍କିଂ ପାଇଁ ସ୍ଥାନ ନ ପାଇ ରୋଡ୍ ଉପରେ ରଖୁଛନ୍ତି। ଅନେକ ସମୟରେ ଭାରିଯାନ ଚାଳକମାନେ ପାରାଦୀପ ପଟୁ ଆସି ରଙ୍ଗ୍ ସାଇଡ୍‌ରେ ଗାଡ଼ି ନେଉଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି। ଶନିବାର ଜଣେ ହାଇୱା ଚାଳକ ରଙ୍ଗ ସାଇଡ୍‌ରେ ଗାଡ଼ି ନେଇ ଯିବାରୁ ଦୁଇ ବାଇକ୍ ଆରୋହୀ ଦୁର୍ଘଟଣାର ଶିକାର ହୋଇ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବାଇକ୍ ଉପରେ ଗାଡ଼ି ଚଢ଼ିଯାଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପ୍ରଶାସନ ପକ୍ଷରୁ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଜବରଦଖଲକାରୀ ସରକାରୀ ରାସ୍ତାକୁ ଅବରୋଧ କରିଚାଲିଛନ୍ତି। ଆର୍‌ଆଣ୍ଡବି ବିଭାଗ ପକ୍ଷରୁ ସରକାରୀ ରାସ୍ତା ଅବରୋଧକୁ ହଟାଇବା ପାଇଁ କୁହାଯାଇଥିଲେ ସୁଦ୍ଧା ସ୍ଥାନୀୟ ବ୍ୟବସାୟୀମାନେ କର୍ଣ୍ଣପାତ କରୁନାହାନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗ ପକ୍ଷରୁ ତହସିଲଦାରଙ୍କୁ ଅବଗତ କରାଯାଇଛି ବୋଲି ଯନ୍ତ୍ରୀ ବିନୟ କୁମାର ସାହୁ ପ୍ରକାଶ କରିଛନ୍ତି। ବାଇପାସ୍ ରାସ୍ତାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ବ୍ୟବସ୍ଥା କରିବା ସହ ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।


ଜବରଦଖଲ ଯୋଗୁ ତାରପୁର ବାଇପାସ୍ ରୋଡରେ ଟ୍ରାଫିକ୍ ଜାମ ହୋଇଛି।

# ସରକାରୀ କାର୍ଯ୍ୟାଳୟ ନିର୍ମାଣରେ ବ୍ୟବହାର ହେଉଛି ନାଲି ଇଟା

**ପଟ୍ଟାମୁଣ୍ଡାଇ,୧୩।୧୧(ସ୍ୱ.ପ୍ର.)**

ସରକାରୀ ଦପ୍ତର ଘର ନିର୍ମାଣରେ ଫ୍ଲାଇଆସ୍ ଇଟା ବ୍ୟବହାର କରାଯିବ ବୋଲି ନିୟମ ରହିଛି। ଏଥିପାଇଁ ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ବିଲଡିଂ ବାଇ ଲ' ଦିଆଯାଇଛି। ମାଟି ଇଟା ପୋଡ଼ିବା ଦ୍ୱାରା ସେହି ଧୂଆଁରେ ପରିବେଶ ପ୍ରଦୂଷିତ ହେଉଛି। ତେଣୁ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବାହାରୁଥିବା ଫ୍ଲାଇ ଆସ୍‌ରେ ତିଆରି ଇଟା ଯେପରି ଘର ନିର୍ମାଣରେ ବ୍ୟବହାର ହୋଇପାରିବ ସେନେଇ ଗୁରୁତ୍ୱ ଦେବାକୁ କୁହାଯାଇଛି। ମାତ୍ର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ନିର୍ମାଣରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ପଟ୍ଟାମୁଣ୍ଡାଇ ସବ୍‌ଡିଜନରେ ତିଆରି ହେଉଥିବା ନୂତନ ଗୃହରେ ପୋଡା ନାଲି ଇଟା ବ୍ୟବହାର କରାଯାଉଛି ବୋଲି ଅଭିଯୋଗ ହେଉଛି। ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗର ଏପରି କାମକୁ ପରିବେଶବିତ୍ ବିଭୁତି ତ୍ରିପାଠୀ ନିନ୍ଦା କରିଛନ୍ତି ।

ସୂଚନାଯୋଗ୍ୟ,ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ ମାଟି ତିଆରି ଇଟା ଭାଟିକୁ ସମ୍ପୂର୍ଣ୍ଣ ନିଷେଧ ବୋଲି ନିର୍ଦ୍ଦେଶ ଦେବା ପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବିଜ୍ଞପ୍ତି ସଂଖ୍ୟା ଇଏନ୍‌ଭି/୧/୧୯/୨୦୧୪(ପିଟି) ୧୩୭୫/ଏଫ୍‌ଓଇ ତା.୧/୧/୨୦୧୬ ମାଧ୍ୟମରେ ସେହି ଇଟାଭାଟି ଉପରେ ନିଷେଧାଦେଶ ଜାରି କରାଯାଇଛି । ହେଲେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଗ୍ରୀନ ଟ୍ରିବ୍ୟୁନାଲ୍ ତଥା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଦେଶନାମାକୁ ଉଲ୍ଲଂଘନ କରି ଛତୁ ଫୁଟିଲା ଭଳି ଜନବସତି ପାଖରେ ନାଲି ଇଟାଭାଟି ସ୍ଥାପନ କରାଯାଇ ବେପାର ଚାଲିଛି । ରାଜସ୍ୱ ବିଭାଗର କର୍ମଚାରୀଙ୍କ ସହିତ ସଲାସୁତୁରା କରି ବେଧଡ଼କରେ ଏଭଳି ଇଟା କାରବାର ଚାଲିଥିବା ବେଳେ ଏବେ ସରକାରୀ ଦପ୍ତର ପାଇଁ ସେହି ଇଟା ବ୍ୟବହାର କରାଯାଉଛି ବୋଲି ସଚେତନ ନାଗରିକ ମହଲରେ ଚର୍ଚ୍ଚା ହେଉଛି । ଏ ବାବଦରେ ତହସିଲଦାର ଦିଲ୍ଲୀପ ସେଠୀଙ୍କୁ ଯୋଗାଯୋଗ କରିବାରୁ ଏ ନେଇ କୌଣସି ଅଭିଯୋଗ ଆସିନାହିଁ, ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।


ନାଲି ଇଟାରେ ତିଆରି କରାଯାଉଥିବା ସରକାରୀ କାର୍ଯ୍ୟାଳୟ ।

# ଇରାନୀ, ପ୍ରତ୍ୟୁଷାଙ୍କ ବଳ କଷାକଷି

ନୟାଗଡ଼ ଅଫିସ, ୧୩।୧୧

ନୟାଗଡ଼ ନିର୍ବାଚନମଣ୍ଡଳୀରେ ଭାଜପା ନାରୀନେତ୍ରୀ ଇରାନୀ ରାୟଙ୍କ ସହ କଡ଼ା ଟକ୍କର ଦେଇ ପୂର୍ବତନ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ସଭା ସମିତି କରିବା ପରେ ନୟାଗଡ଼ ରାଜନୀତି ଚଳଚଞ୍ଚଳ ହୋଇଉଠିଛି । ପ୍ରତ୍ୟୁଷାଙ୍କ ମିଶ୍ରଣ ପର୍ବକୁ ଟକ୍କର ଦେଇ ଇରାନୀ କର୍ମୀ ସମ୍ମିଳନୀ କରିବା ପରେ ନୟାଗଡ଼ ବିଧାନସଭା ପାଇଁ ଟିକେଟ୍ କିଏ ପାଇବ ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଇରାନୀଙ୍କ ସମର୍ଥକମାନେ କହି ବୁଲୁଛନ୍ତି ଆମ ଟିକେଟ କେହି କାଟିବାର ନାହିଁ । ପ୍ରତ୍ୟୁଷାଙ୍କ ସମର୍ଥକ କହୁଛନ୍ତି, ଏଥର ଆମ ପାଳି । ୨୦୧୯ରେ ଇରାନୀ ଟିକେଟ୍ ପାଇ ପରାଜୟ ହୋଇଥିଲେ । ଆମେ ସମର୍ଥନ କରିଥିଲୁ । ୨୦୨୪ରେ ପ୍ରତ୍ୟୁଷାଙ୍କ ପାଳି। ସେମାନେ ଆମକୁ ସହଯୋଗ କରିବେ। ଆମେ ବିଜୟୀ ହୋଇ ଦେଖାଇବୁ। ଭାଜପାର ପାଣିପାଗ ଗୋଳିଆ ଧରିଥିବାବେଳେ ଗୋଷ୍ଠୀ କନ୍ଦଳ ଦେଖି ବିଜେଡି ଖୁସ୍ ହୋଇ ଗାଁ ମୁହାଁ ରାଜନୀତିକୁ ତ୍ୱରାନ୍ୱିତ କରିଛି । ବିଜେଡି ବିଧାୟକ ନିଜର ଭୋଟ ବ୍ୟାଙ୍କକୁ ବଢ଼ାଇବାକୁ ନୟାଗଡ଼ ଓ ଓଡ଼ଗାଁରେ ପଦଯାତ୍ରା କରି ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି।

ସୂଚନାଯୋଗ୍ୟ,ରାଜକୁମାର ହେମେନ୍ଦ୍ର କୁମାର ସିଂ କଂଗ୍ରେସ ସଙ୍ଗଠନକୁ ନୟାଗଡ଼ ନିର୍ବାଚନମଣ୍ଡଳୀରେ ସୁଦୃଢ଼


ଇରାନୀ ରାୟ


ପ୍ରତ୍ୟୁଷା ରାଜେଶ୍ୱରୀ ସିଂ

କରିଥିଲେ । ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ବିଜେଡିରେ ମିଶି କନ୍ଧମାଳ ଏମ୍‌ପି ହୋଇଥିଲେ । କିଛି ମାସ ପରେ ହେମେନ୍ଦ୍ରଙ୍କ ମୃତ୍ୟୁ ପରେ ସ୍ତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଉପନିର୍ବାଚନରେ କନ୍ଧମାଳ ଏମ୍‌ପି ହୋଇଥିଲେ । ୨୦୧୯ ନିର୍ବାଚନରେ ବିଜେଡି ଟିକେଟ୍ ନ ପାଇବାରୁ ସେ ଭାଜପାରେ ଯୋଗଦେଇଥିଲେ । ସେପଟେ ଲାଲା ମନୋଜ ରାୟ ଭାଜପାର ଜିଲା ସଭାପତି ରହି ସ୍ତ୍ରୀ ଇରାନୀ ରାୟଙ୍କୁ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଟିକେଟ ଦେଇଥିଲେ । ୨୦୧୯ ନିର୍ବାଚନରେ ଇରାନୀ ରାୟ

- ନୟାଗଡ଼ ଭାଜପାରେ କନ୍ଦଳ
- ମିଶ୍ରଣ ପର୍ବକୁ ଟକ୍କର ଦେଲା କର୍ମୀ ସମ୍ମିଳନୀ

ବିଜେଡିର ଅରୁଣ ସାହୁଙ୍କଠାରୁ ପରାସ୍ତ ହୋଇଥିଲେ। ପ୍ରତ୍ୟୁଷା ସେହି ସମୟରେ ଟିକେଟ ପାଇଁ ଦାବି କରି ନ ଥିଲେ । ତେବେ ୨୦୨୪ ନିର୍ବାଚନ ପୂର୍ବରୁ ପ୍ରତ୍ୟୁଷା ନୟାଗଡ଼ ନିର୍ବାଚନମଣ୍ଡଳୀର ବିଭିନ୍ନ ଗାଁ ବୁଲି ସଙ୍ଗଠନକୁ ସଦୃଢ଼ କରିବାରେ ଲାଗିଛନ୍ତି। ତେବେ ଗତ ଅକ୍ଟୋବର ୩୧ରେ ଭାଜପାର ଦୁଇ ନାରୀନେତ୍ରୀ ଇରାନୀ ଓ ପ୍ରତ୍ୟୁଷାଙ୍କ ସମାନ୍ତରାଳ ବୈଠକ ସବୁ କିଛି ବିଗାଡି ଦେଇଛି । ଗତ ଅକ୍ଟୋବର ୩୧ରେ ଇରାନୀ ରାୟ ବାଲୁଗାଁ ମଣ୍ଡଳର ବୈଠକ ନୟାଗଡ଼ରେ କରାଇଥିଲେ । ଏଥିରେ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର ଯୋଗ ଦେଇଥିଲେ । ସେଦିନ ଓଡ଼ଗାଁ ବ୍ଲକର ୨ନଂ. ଜିଲା ପରିଷଦ ଜୋନ୍ ଅନ୍ତର୍ଗତ ସାକେରୀ ପଞ୍ଚାୟତ ଲିମ୍ବେଶ୍ୱରୀ ମହାଦେବଙ୍କ ପଡ଼ିଆରେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ମିଶ୍ରଣ ପର୍ବ କରି ନିଜର ପରାକାଷ୍ଠା ଦେଖାଇଥିଲେ । ଗୋଟିଏ ଦିନ ଭାଜପାର ଦୁଇ ନାରୀନେତ୍ରୀ ଦୁଇଟି ସମାନ୍ତରାଳ ବୈଠକ କରିବା ପରେ ଦଳୀୟ ଗୋଷ୍ଠୀ କନ୍ଦଳକୁ ପ୍ରମାଣିତ କରିଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ନଭେମ୍ବର ୧୨ରେ ଇରାନୀ ପୁଣି ଓଡ଼ଗାଁ ବ୍ଲକର ଭାଡିକିଲାଠାରେ ଭାଜପା କର୍ମୀ ସମ୍ମିଳନୀ କରାଇ ନିଜ ପ୍ରତି ଦଳୀୟ ଲୋକଙ୍କ ସମର୍ଥନ ଦେଖାଇଥିଲେ। ପ୍ରତ୍ୟୁଷାଙ୍କ ମିଶ୍ରଣ ପର୍ବକୁ ଇରାନୀଙ୍କ କର୍ମ ସମ୍ମିଳନୀ ଟକ୍କର ଦେଇଛି । ପୂର୍ବରୁ ଗୋଟିଏ ଦଳରେ ଦୁଇ ନାରୀନେତ୍ରୀ ଏକାଠି କାମ କରୁଥିବାବେଳେ ଏବେ ଉଭୟ ପୃଥକ୍ ହୋଇ ଯାଇଛନ୍ତି ।

ଭାଡିକିଲା କର୍ମୀ ସମ୍ମିଳନୀରେ ଦଳର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର ପରୋକ୍ଷରେ ଇରାନୀଙ୍କୁ ଟିକେଟ ମିଳୁଛି ବୋଲି ଘୋଷଣା କରିଥିଲେ । ସେ ତାଙ୍କ ଭାଷଣ ଆରମ୍ଭରୁ କହିଥିଲେ ଇରାନୀ ଭଲ ସଙ୍ଗଠନ କରୁଛନ୍ତି । ତାଙ୍କ ପରିଶ୍ରମକୁ ଦେଖିଲେ ୨୦୨୪ ନିର୍ବାଚନରେ ସେ ବିଧାୟିକା ହେବା ନିଶ୍ଚିତ। ରାଷ୍ଟ୍ରୀୟ ପ୍ରବକ୍ତାଙ୍କ ଇରାନୀଙ୍କ ପ୍ରତି ଏପରି ଅନୁକମ୍ପା ପ୍ରତ୍ୟୁଷାଙ୍କ ପାଇଁ ଭାରି ପଡ଼ିପାରେ ବୋଲି ଚର୍ଚ୍ଚା ହେଉଛି । ଅନ୍ୟପକ୍ଷେ ଦଳରେ ବିଶୃଙ୍ଖଳା ସୃଷ୍ଟି କରିବା ଅଭିଯୋଗରେ ପ୍ରତ୍ୟୁଷାଙ୍କ ବିରୋଧ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି । ଏନେଇ ଜିଲା ସଭାପତି ଲାଲା ମନୋଜ ରାୟ କହିଛନ୍ତି, ଦଳରେ ପ୍ରାର୍ଥୀ ହେବାକୁ କାହାକୁ ବିରୋଧ ନାହିଁ । ଦଳୀୟ ସଙ୍ଗଠନ ବଢ଼ାଇବାରେ ମଧ ଅସୁବିଧା ନାହିଁ । ତେବେ ଭାଜପାରେ ମିଶ୍ରଣ ପର୍ବ କରାଗଲା ଅଥଚ ଜିଲା ସଭାପତିଙ୍କୁ ଅବଗତ କରାଯିବ ନାହିଁ । ଦଳରେ କିଏ ମିଶିଲେ ସେନେଇ ଦଳୀୟ ଜିଲା ସଭାପତିଙ୍କୁ ତାଲିକା ଦିଆଯିବନି । ପ୍ରତିଶ୍ରୁତି ମିଳିଛି କହି ଦଳରେ ଫାଟ ସୃଷ୍ଟି କରାଯାଉଛି ବୋଲି ଅନୁଭବ ପରେ ରାଜ୍ୟ ସଭାପତିଙ୍କୁ ପ୍ରତ୍ୟୁଷାଙ୍କ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଯାଇଛି । ରାଜ୍ୟ କର୍ତ୍ତୃପକ୍ଷ ଯାହା ପଦକ୍ଷେପ ନେବେ ଆମର ବିରୋଧ କରିବାର ନାହିଁ ।

ଏନେଇ ପ୍ରତ୍ୟୁଷା କୁହନ୍ତି, ଭାଜପାରେ ମୁଁ ଯୋଗ ଦେବା ସମୟରେ ମୋତେ ୨୦୨୪ରେ ଟିକେଟ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ମିଶ୍ରଣ ପର୍ବ ସମୟରେ ରାଜ୍ୟ ସଭାପତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ନାରୀନେତ୍ରୀ ଇରାନୀ ରାୟ ଓ ଜିଲା ସଭାପତି ଲାଲା ମନୋଜ ରାୟ ଉପସ୍ଥିତ ଥିଲେ । ସେଇ ଆଧାରରେ ମୁଁ ସଙ୍ଗଠନ ସହ ଭୋଟକୁ ବଢ଼ାଉଛି । ମୁଁ ଦଳରେ ଫାଟ ସୃଷ୍ଟି କରୁ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଇରାନୀ ରାୟ କୁହନ୍ତି, ସଙ୍ଗଠନ କରିବାକୁ କାହାକୁ ମନା ନାହିଁ । କିନ୍ତୁ ନୟାଗଡ଼ ନିର୍ବାଚନମଣ୍ଡଳୀରେ ଭାଜପାର ସଙ୍ଗଠନ ଦାୟିତ୍ୱ ମୋ ଉପରେ ନ୍ୟସ୍ତ ଅଛି । ୨୦୨୪ ନିର୍ବାଚନ ଆଗକୁ ଅଛି । ନିଜେ ନିଜେ ପ୍ରାର୍ଥୀ ଘୋଷଣା କରିଦେଲେ କ'ଣ ଟିକେଟ୍ ମିଳିଯିବ । ଦଳ ଯାହାକୁ ପସନ୍ଦ କରିବ ସେ ହିଁ ଟିକେଟ୍ ପାଇବ ।

## ସଂକ୍ଷେପରେ

### ଯୁବକଙ୍କୁ ପିଟି ପିଟି ହତ୍ୟା ଅଭିଯୋଗ

ଦଶପଲ୍ଲା, ୧୩।୧୧(ଡି.ଏନ.ଏ.): ଦଶପଲ୍ଲା ବ୍ଲକ ଅଧୀନ ଖଣ୍ଡପଡ଼ା ଗ୍ରାମରେ ରସେନ ଦାସ( ୨୫) ନାମକ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି । ପୋଲିସ ଏକ ହତ୍ୟା ମାମଲା(ନଂ.୨୫୪/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା କରୁଛି । କୌଣସି କାରଣକୁ କେନ୍ଦ୍ର କରି ରସେନଙ୍କୁ ଅନ୍ୟ ୨ ଯୁବକ ନିସ୍ତୁକ ପଟିଥିଲେ । ଏହାପରେ ତାଙ୍କୁ ପକାଇ ଚାଲି ଯାଉଥିଲେ । ସ୍ଥାନୀୟ ଲୋକେ ରସେନଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ଦଶପଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାକୁ ନେଇ ଥାନା ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା । ପୋଲିସ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରା ପରେ ପରିସ୍ଥିତି ଶାନ୍ତ ପଡିଥିଲା ।

### ନାବାଳିକା ବଳାତ୍କାର ମାମଲା, ସରପଞ୍ଚଙ୍କ ସ୍ୱାମୀ ଗିରଫ

ପାରଳାଖେମୁଣ୍ଡି/ଆର୍‌ଉଦୟଗିରି ୧୩।୧୧(ଡି.ଏନ୍.ଏ.): ନବମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରି ଗର୍ଭବତୀ କରିବା ଘଟଣାରେ ଗଜପତି ଜିଲା ଅଡବା ଥାନା ପୋଲିସ ଜଣେ ସରପଞ୍ଚଙ୍କ ସ୍ୱାମୀଙ୍କୁ ରବିବାର ଗିରଫ କରିଛି। ଛାତ୍ରୀ ଜଣକ ସ୍କୁଲ ଯିବା ଆସିବା କଲା ବେଳେ ତାଙ୍କ ଉପରେ ନଜର ପକାଇଥିଲେ ଅଭିଯୁକ୍ତ। ଦିନେ ଛାତ୍ରୀଙ୍କ ବାପା ମା' କାମକୁ ଯାଇଥିବା ବେଳେ ସେ ତାଙ୍କ ଘରକୁ ଆସିଥିଲେ। ମୋବାଇଲ୍ ଦେଖାଇବା ବାହାନାରେ ତାଙ୍କୁ ବଳାତ୍କାର କରିଥିଲେ। ତା'ପରେ ଧମକଚମକ ଦେଇ ବହୁବାର ବଳାତ୍କାର କରିଥିଲେ। ଏ ବିଷୟରେ କାହାକୁ କିଛି କହିଲେ ମାରି ଦେବେ ବୋଲି ଛାତ୍ରୀଙ୍କୁ ଧମକ ଦେଇଥିଲେ। ଗତ ୧ ତାରିଖରେ ଛାତ୍ରୀ ଅସୁସ୍ଥ ଅନୁଭବ କରିଥିଲେ। କ'ଣ ହୋଇଛି ବୋଲି ବାପା ପଚାରିବାରୁ ସେ ସବୁ କଥା କହିଥିଲେ। ଏ ନେଇ ସରପଞ୍ଚଙ୍କ ସ୍ୱାମୀଙ୍କୁ ପଚାରିବାରୁ ଗର୍ଭ ନଷ୍ଟ କରିବା ପାଇଁ ସେ ଛାତ୍ରୀଙ୍କ ପରିବାରଙ୍କୁ କହିଥିଲେ। ଏଥିରେ ପୀଡ଼ିତାଙ୍କ ପରିବାର ରାଜି ନ ହେବାରୁ ଅଭିଯୁକ୍ତ ସେମାନଙ୍କୁ ଅର୍ଥ ଓ ଇନ୍ଦିରା ଆବାସ ଯୋଜନାରେ ଘର ଦେବାକୁ ଲୋଭ ଦେଖାଇଥିଲେ। ମାତ୍ର ସେମାନେ ରାଜି ନ ହେବାରୁ ହତ୍ୟା ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ପରେ ପରିବାର ଲୋକେ ଶନିବାର ଅଡ଼ବା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଖୋଳତାଡ଼ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

### ନଦୀରେ ନିଖୋଜ ଛାତ୍ରର ମୃତଦେହ ଜବତ

ପାରଳାଖେମୁଣ୍ଡି, ୧୩।୧୧ (ଡି.ଏନ୍.ଏ.): କାଶୀନଗର ବ୍ଲକ ବଂଶଧାରା ନଦୀରେ ବୁଡ଼ି ନିଖୋଜ ହୋଇଥିବା ଛାତ୍ରର ମୃତଦେହ ରବିବାର ପୋଲିସ ଜବତ କରିଛି। ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଶନିବାର କାଶୀନଗର ୧୦ନଂ ୱାର୍ଡର ବି.ଭାସ୍କରଙ୍କ ପୁଅ ବି. ଆକାଶ ସ୍ନାନ ପାଇଁ ନଦୀକୁ ଯାଇଥିବା ବେଳେ ବୁଡ଼ିଯାଇଥିଲେ।

# ମହିଳାମାନେ ଚାହିଁଲେ ଦେଶ ଆଗେଇ ପାରିବ



ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ନୂଆଗାଁ, ୧୩।୧୧(ଡି.ଏନ.ଏ.)

## ନୂଆଗାଁରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାହାଡ଼ାଖୋଲା ଆର୍‌ଏମ୍‌ସି ପଡ଼ିଆଠାରେ ରବିବାର ବିଜୁ ଜନତା ଦଳ ପକ୍ଷରୁ ମହିଳାମାନଙ୍କୁ ନେଇ ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଜନସମ୍ପର୍କ ପଦଯାତ୍ରା ବାହାଡ଼ାଖୋଲା ବଡପଦାଠାରୁ ବାହାରି ବ୍ଲକ୍ ଛକ ଓ ମାଣିକପାଟଣା ଛକ ଦେଇ ଆର୍‌ଏମ୍‌ସି ପଡ଼ିଆରେ ପହଞ୍ଚିଥିଲା । ନୂଆଗାଁ ବ୍ଲକର ବାହାଡ଼ାଖୋଲା, ବେରୁଆଁବାରି, ସିଙ୍ଗାରପଲ୍ଲୀ, ହରିପୁର, କାପ୍ତାପଲ୍ଲୀ, ଗୁମି, ଜାକେଡା, ଗାତେରୀ ଓ ପାରାଡ଼ିପି ଆଦି ୯ ପଞ୍ଚାୟତରୁ ଆସିଥିବା ମହିଳାମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ । ଏଥିରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନେ ଚାହିଁଲେ ଦେଶ ଆଗେଇ ପାରିବ । ସେଥିପାଇଁ ସରକାର ନାରୀ ସଶକ୍ତୀକରଣ, ଆତ୍ମ ନିର୍ଭରଶୀଳତା ଓ ସ୍ୱାବଲମ୍ବୀ ପାଇଁ ନାନା ଯୋଜନା ପ୍ରଣୟନ କରିଛନ୍ତି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ରାଜ୍ୟ ମହିଳା ବିଜେଡି ଉପସଭାପତି ସଂଯୁକ୍ତା ଦାସଗୁପ୍ତା, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁଙ୍କ ସମେତ ୩ ବ୍ଲକର ମହିଳା, ଯୁବ, ଛାତ୍ର ବିଜେଡି ସଭାପତି ଏବଂ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସମିତିସଭ୍ୟ ଓ ସରପଞ୍ଚମାନେ ଏହି ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିଲେ ।

# ଏନ୍‌ପିଏସ୍ ଟିଚର୍ସ ଆସୋସିଏଶନର ବୈଠକ

ନୟାଗଡ଼ ଅଫିସ, ୧୩।୧୧

ନୟାଗଡ଼ ଜିଲା ସରକାରୀ ହାଇସ୍କୁଲ ନିଉ ପେନଶନ ସିଷ୍ଟମ(ଏନପିଏସ୍) ଟିଚର୍ସ ଆସୋସିଏଶନର ଏକ ବୈଠକ ନୟାଗଡ଼ ଜିଲା ସଦର ମହକୁମାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୦୦୪ରୁ ୨୦୨୨ ପର୍ଯ୍ୟନ୍ତ ୨ ହଜାର ଶିକ୍ଷକ ଥିବାବେଳେ ପ୍ରାୟ ୨୦୦ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ମୁଖ୍ୟମନ୍ତ୍ରୀ ନିୟମିତ କରିଥିବାରୁ ସଭାରେ ଧନ୍ୟବାଦ ଅର୍ପଣ କରାଯାଇଥିଲା । ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ନିୟମିତ ହୋଇଥିବା ସମସ୍ତ ଚୁକ୍ତି ଭିତ୍ତିକ ଶିକ୍ଷକମାନଙ୍କୁ ନିଯୁକ୍ତି ଦିନ ଠାରୁ ନ୍ୟାଶନାଲ ଇନକ୍ରିମେଣ୍ଟ ଏବଂ ପେ ଫିକସନ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବାକୁ ନିଷ୍ପତ୍ତି ହୋଇଛି । ସେହିପରି ୨୦୧୬ରୁ ୨୦୨୨ ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କୁ ଶୀଘ୍ର ନିୟମିତ କରିବା ପାଇଁ ଅନୁରୂପ ଭାବେ ଦାବି କରାଯିବ । ଏନେଇ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବା ପାଇଁ ସ୍ଥିର ହୋଇଛି । ମନୋଜ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ସତ୍ୟ ନାରାୟଣ ଆଚାର୍ଯ୍ୟ, ଉପଦେଷ୍ଟା ସୁରେନ୍ଦ୍ର କୁମାର ଖଣ୍ଡା, ଭବାନୀ ଶଙ୍କର ନାୟକ, ଦିଲ୍ଲୀପ କୁମାର ବିଶୋଇ ଯୋଗ ଦେଇଥିଲେ ।

# କୂଅରେ ପଡ଼ି ଯୁବକ ମୃତ


କୂଅରୁ ମୃତ ଯୁବକଙ୍କୁ ଉଦ୍ଧାର କରାଯାଉଛି।

ଖଣ୍ଡପଡ଼ା, ୧୩।୧୧(ସ୍ୱ.ପ୍ର)

- ଅଗ୍ନିଶମ କର୍ମଚାରୀଙ୍କ ଅବହେଳାକୁ ଦାୟୀ କଲେ ଗ୍ରାମବାସୀ
- କ୍ଷତିପୂରଣ ପାଇଁ ରାସ୍ତା ଅବରୋଧ

କୂଅରେ ପଡି ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତ ଗିରିଡିପାଟଣା ଗ୍ରାମର ଅଭିମନ୍ୟୁ ନାୟକ(୧୭)ଙ୍କ ରବିବାର ମୃତ୍ୟୁ ଘଟିଛି । ସେ ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଏକ ଖୋଲା କୂଅ ପାଖରେ ବସି ଖେଳୁଥିବା ସମୟରେ ଭାରସାମ୍ୟ ହରାଇ ଭିତରକୁ ଖସିପଡିଥିଲେ । ଏ ସଂକ୍ରାନ୍ତରେ ତୁରନ୍ତ ଖଣ୍ଡପଡ଼ା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ବିଭାଗୀୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ୍ୟ ସେମାନଙ୍କ ପାଖରେ କୌଣସି ଆନୁସଙ୍ଗିକ ଉପକରଣ ନ ଥିବାରୁ ସମସ୍ୟା ସୃଷ୍ଟି ହୋଇଥିଲା । ଗ୍ରାମବାସୀଙ୍କ ଦ୍ୱାରା ଅଭିମନ୍ୟୁଙ୍କୁ ଉଦ୍ଧାର କରାଯାଇଥିଲା । ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଅଗ୍ନିଶମ କର୍ମଚାରୀଙ୍କ ଅବହେଳା ଯୋଗୁ ଅଭିମନ୍ୟୁଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତାରୋକେ କରିଥିଲେ । ଖବର ପାଇ ତହସିଲଦାର ପ୍ରାର୍ଥ ସାରଥୀ ହାସଁଦା, ପୋଲିସ ଆଇଆଇସି ରମେଶ କୁମାର ଦେବତା ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦିଆଯିବା , ବ୍ୟବଚ୍ଛେଦ ପରେ ସରକାରଙ୍କ ବିଧି ବ୍ୟବସ୍ଥା କ୍ରମେ ସହାୟତା ମିଳିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା ।

# ରୋଗୀ ସହାୟକଙ୍କ ପାଇଁ ମାଗଣା ଖାଦ୍ୟ ବ୍ୟବସ୍ଥା

ନୟାଗଡ଼ ଅଫିସ, ୧୩।୧୧

## କେବଳ ରବିବାର ଦିଆଯିବ ଖାଦ୍ୟ

ଓମ୍ ସାଇ ପ୍ରସାଦ ଖାଦ୍ୟ ରଥ ସଂସ୍ଥା ପକ୍ଷରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)ରେ ରୋଗୀଙ୍କ ସହାୟକମାନଙ୍କୁ ମାଗଣାରେ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ରବିବାର ଉଦ୍‌ଘାଟିତ ହୋଇଛି । ଓମ୍ ସାଇ ପ୍ରସାଦ ଖାଦ୍ୟ ରଥର ପରିଚାଳକ ବିଭୂତି ଭୂଷଣ ପଟ୍ଟନାୟକଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ଦାମୋଦର ସାହୁ, ପ୍ରଫୁଲ୍ଲ କୁମାର ନାୟକ, ପ୍ରଦୀପ କୁମାର ସାହୁ, ମାନସ ମହାପାତ୍ର, ସନ୍ତୋଷ ଷଡ଼ଙ୍ଗୀ ଓ ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଉଦ୍‌ଘାଟନ ଦିବସରେ ୫୦ ଜଣଙ୍କୁ ଖାଦ୍ୟ ବଣ୍ଟନ କରାଯାଇଛି। ପ୍ରତି ରବିବାର ୫୦ ଜଣଙ୍କୁ ଖାଦ୍ୟ ବଣ୍ଟନ କରାଯିବ । ରବିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖାଦ୍ୟ ବ୍ୟବସ୍ଥା ନ ଥିବାରୁ ବେସରକାରୀ ଭାବେ ଏହା ଲାଗୁ ହୋଇଛି । ସୂଚନାଯୋଗ୍ୟ, ଓମ୍ ସାଇ ପ୍ରସାଦ ଖାଦ୍ୟ ରଥ ସଂସ୍ଥା ପକ୍ଷରୁ ପ୍ରାୟ ଅଢ଼େଇ ବର୍ଷ ହେଲା ଜିଲା ମୁଖ୍ୟାଳୟର ଗରୀବ, ଅସହାୟ ଲୋକଙ୍କୁ ଶନିବାର ଓ ରବିବାର ମାଗଣା ଖାଦ୍ୟ ବଣ୍ଟନ ହେଉଛି । ଏକ ରଥରେ ସଂସ୍ଥାର ପରିଚାଳକ ବିଭୂତି ଭୂଷଣ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଜିଲା ସଦର ମହକୁମା ପରିକ୍ରମା କରି ଖାଦ୍ୟ ବଣ୍ଟନ କରୁଛନ୍ତି । ବିଭୂତି ଜଣେ ଗ୍ୟାସ ଚୂଲା ମରାମତି କରୁଥିବା ମେକାନିକ । ଦୋକାନରୁ ଯାହା ରୋଜଗାର ହୁଏ ସେଥିରେ ସାମଗ୍ରୀ କିଣି ଘରେ ରୋଷେଇ କରି ଏପରି ଖାଦ୍ୟ ବଣ୍ଟନ କରି ଆସୁଛନ୍ତି । ୫ ବର୍ଷର ପୁଅ ସାଇର ମୃତ୍ୟୁ ପରେ ସେ ଏପରି ନିଷ୍ପତ୍ତି ନେଇଥିବା କହିଛନ୍ତି ।


ରୋଗୀଙ୍କ ସହାୟକଙ୍କୁ ମାଗଣା ଖାଦ୍ୟ ବଣ୍ଟନ କରାଯାଉଛି।

# ଲକ୍ଷ୍ୟ ହାସଲ କରିବାକୁ ହେଲେ ଚେଷ୍ଟା, ଅଧ୍ୟବସାୟ ଜରୁରୀ

## କୁମ୍ଭାରପଡ଼ା ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଦ୍ୱିତୀୟ ଦିବସ

ଖଣ୍ଡପଡ଼ା, ୧୩।୧୧(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡ଼ା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର ୨ୟ ଦିବସରେ ରାଜ୍ୟ ସରକାରଙ୍କ ବୈଦ୍ୟୁତିକ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ଉପଦେଷ୍ଟା ଅନୁଭବ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୀବନରେ ଭଲ ମଣିଷଟିଏ ହେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଛନ୍ତି। ବିନା ପରିଶ୍ରମ ଓ ଅଧ୍ୟବସାୟରେ କୌଣସି ଲକ୍ଷ୍ୟ ହାସଲ କରିହେବ ନାହିଁ। ଜୀବନରେ ସ୍ୱପ୍ନ ଦେଖିବା ଦରକାର। ସ୍ୱପ୍ନକୁ ପୂରଣ କରିବାକୁ ହେଲେ ପରିଶ୍ରମ କରିବା ଜରୁରୀ ବୋଲି ସେ ଛାତ୍ରୀଚାତ୍ରଙ୍କୁ ପରାମର୍ଶ ଦେଇଥିଲେ ।

ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲାପାଳ ରବିନ୍ଦ୍ର ନାଥ ସାହୁ ଯୋଗଦେଇ ଜୀବନରେ କିଛି କରିବାର ନିର୍ଣ୍ଣାୟକ ନିଷ୍ପତ୍ତି ବିଦ୍ୟାଳୟ ପାଠ ପଢା ସମୟରୁ ନେବାକୁ ହୁଏ । ତାହା ପରବର୍ତ୍ତୀ ସମୟରେ କାର୍ଯ୍ୟରେ ପରିଣତ ହୋଇଥାଏ । ତେଣୁ ଛାତ୍ରୀଛାତ୍ରମାନଙ୍କୁ ଶ୍ରେଷ୍ଠତ୍ୱ ହାସଲ କରିବାକୁ ହେଲେ ଗଭୀର ଆତ୍ମ ବିଶ୍ୱାସ ଓ ଦୃଢ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏହି ଅବସରରେ


ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଦ୍ୱିତୀୟ ଦିବସରେ ମଞ୍ଚାସୀନ ଅତିଥି।

ସେ କହିଲେ, ମହାରାଷ୍ଟ୍ରର ରାଜେଶ ପ୍ରଭାକର ପାଟିଲ ଦିନେ କନ୍ଧମାଳର ଜିଲାପାଳ ଥିଲେ । ପିଲାଦିନେ ସେ ପାଉଁରୁଟି ବିକ୍ରୀକରି କଠିନ ପରିଶ୍ରମ କରି ସଫଳତାର ଶୀର୍ଷରେ ପହଞ୍ଚି ପାରିଥିଲେ । ଏ ସମ୍ପର୍କିତ ତାଙ୍କ ଲିଖିତ ଏକ ପୁସ୍ତକ 'ମା ମୁଁ କଲେକ୍ଟର ହେଲି' ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦଳେଇଙ୍କୁ ପ୍ରଦାନ କରିଥିଲେ । ଏହାଛଡା ଉକ୍ତ ବିଦ୍ୟାଳୟକୁ ୫-ଟିରେ ସାମିଲ କରାଯାଇଛି । ଆସନ୍ତା ମାର୍ଚ୍ଚ ୫ରେ ରାଜ୍ୟ ସରକାରଙ୍କ ଦ୍ୱାରା ଏହି ସ୍କୁଲ ଉତ୍ସର୍ଗିକୃତ ହେବାର କାର୍ଯ୍ୟକ୍ରମ ଥିବା ଜିଲାପାଳ ସୂଚନା ଦେଇଥିଲେ । ସମ୍ମାନୀତ ଅତିଥି ରୁପେ ବିଡିଓ ଅରୁଣିମା ସାହୁ, ତହସିଲଦାର ପାର୍ଥ ସାରଥୀ ହାସଁଦା, ବ୍ଲକ ଶିକ୍ଷାଧିକାରିଣୀ ଜୟନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅନୁଷ୍ଠାନନର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦଳେଇ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉତ୍ପଳ କୁମର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଅଖିଳ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ । ସନ୍ଧ୍ୟାରେ ମୟୁରଭଞ୍ଜର କଳାକାରମାନେ ସମ୍ବଲପୁରୀ ଓ ଗୋଟିପୁଅ ନୃତ୍ୟ ପରିବେଷଣ କରି ସମସ୍ତଙ୍କ ମନ ଜିଣି ପାରିଥିଲେ । ବିଦ୍ୟାଳୟର ଛାତ୍ରୀଛାତ୍ର ଓ ପୁରାତନ ଛାତ୍ର ସଂସଦର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୪ ନଭେମ୍ବର, ୨୦୨୨



## ଆଜି କ'ଣ କେଉଁଠି

ଧର୍ମଶାଳା

- କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଶିଶୁ ମହୋତ୍ସବ। ସ୍ଥାନ-ଜାରକାସ୍ଥିତ କଳ୍ପତରୁ ଦାସ ଶିଶୁ ଉଦ୍ୟାନ, ସମୟ-ଅପରାହ୍ନ ୪ ଘଟିକା।

## ସଂକ୍ଷେପରେ

### କରାଟେ ଚାମ୍ପିୟନଶିପରେ ଆୟୁଷଙ୍କୁ ବ୍ରୋଞ୍ଜ




କାଳିଆପାଣି,୧୩।୧୧(ଡି.ଏନ.ଏ.): ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ଓଡ଼ିଶା ଷ୍ଟେଟ୍ କରାଟେ ଆସୋସିଏଶନ ପକ୍ଷରୁ ଚାଲିଥିବା ୩୪ତମ ରାଜ୍ୟ କରାଟେ ଚାମ୍ପିୟନଶିପ୍ ୨୦୨୨ରେ ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ରାଁସୋଳ ଗ୍ରାମର ଖବରଦାତା ଅସିତ ମହାନ୍ତଙ୍କ ପୁତ୍ର ଆୟୁଷ କୁମାର ମହାନ୍ତଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ୯ରୁ ୧୨ ବର୍ଷ ବୟସ ସବ୍‌ଜୁନିୟର ବର୍ଗର କୁମୁତେ ଇଭେଣ୍ଟରେ ସେ ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଆୟୁଷ ଏବେ ଟାଟା ଷ୍ଟିଲ ମାଇନିଂ କଲୋନୀରେ ଥିବା ଷ୍ଟିୱାର୍ଟ ସ୍କୁଲରେ ୪ର୍ଥ ଶ୍ରେଣୀରେ ପାଠ ପଢୁଛନ୍ତି। ସେ କରାଟେ ପ୍ରଶିକ୍ଷକ ନିଧିମନ୍ତ ଦେହୁରିଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ଆଗାମୀ ଦିନରେ ଆୟୁଷ ବହୁ ପଦକ ହାସଲ କରିପାରିବେ ବୋଲି ପ୍ରଶିକ୍ଷକ ଦେହୁରି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କରାଟେ ରେଫରି ବେଣୁଧର ମଲ୍ଲିକ ଆୟୁଷଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

### ଟ୍ରକ୍ ଚାଳକଙ୍କ ମୃତଦେହ ଜବତ

କଳିଙ୍ଗନଗର,୧୩।୧୧(ଡି.ଏନ.ଏ.): କଳିଙ୍ଗନଗର ଥାନା ଅନ୍ତର୍ଗତ ବିଆର୍‌ପିଏଲ୍ କାରଖାନା ଫାଟକ ନିକଟରୁ ଜଣେ ଟ୍ରକ୍ ଚାଳକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଅନୱାର ଖାନ୍। ତାଙ୍କ ଘର ଝାରଖଣ୍ଡରେ ବୋଲି ଜଣାପଡିଛି। ସମ୍ପୃକ୍ତ ଗାଡ଼ି ଚାଳକ କାରଖାନା ପରିସରରୁ ପେଲେଟ୍ ଲୋଡ୍ କରି ଧାଡ଼ିରେ ଆସି ଗେଟ୍ ପାଖରେ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ଫଳରେ ସେଠାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। କଳିଙ୍ଗନଗର ପୋଲିସ ପହଞ୍ଚି ମୃତଦେହ ଜବତ କରି ଦାନଗଦି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୨୩/୨୨ ରୁଜୁ ହୋଇଛି।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିବ ମଣ୍ଡପ

## ୩୩ ତମ ଶିଳ୍ପ ବାଣିଜ୍ୟ ମେଳା

କଳିଙ୍ଗନଗର,୧୩।୧୧(ଡି.ଏନ.ଏ.)

ଯାଜପୁର ରୋଡ୍ ଶିଳ୍ପ ବାଣିଜ୍ୟ ମେଳା ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବ। ରବିବାର ଏକ ଖବରଦାତା ସମ୍ମିଳନୀରେ ଯାଜପୁର ରୋଡ୍ ଶିଳ୍ପ ବାଣିଜ୍ୟ ମେଳା କମିଟିର ଅଧ୍ୟକ୍ଷ ଜିତେନ୍ଦ୍ର ପ୍ରତିହାରୀ ଏହା ସୂଚନା ଦେଇଛନ୍ତି। ଶିଳ୍ପ ବାଣିଜ୍ୟ ମେଳାର ଇତିହାସ ଦୀର୍ଘ ୩୩ ବର୍ଷର। ଇତିମଧ୍ୟରେ ୩୦ ଥର ମେଳା ଅନୁଷ୍ଠିତ ହୋଇଥିବା ଏବଂ ବିଭିନ୍ନ କାରଣରୁ ୩ଥର ବନ୍ଦ ରହିଥିବା ନେଇ ଅଧ୍ୟକ୍ଷ ପ୍ରତିହାରୀ କହିଛନ୍ତି। ମେଳାରେ ବିଭିନ୍ନ ଶିଳ୍ପ ଓ ଖଣି ସଂସ୍ଥା ସାଙ୍ଗକୁ ବସ୍ତ୍ର, ହସ୍ତଶିଳ୍ପ, କୁଟୀର ଶିଳ୍ପ, ଯାନବାହନ ଉଦ୍ୟୋଗ, ଗୃହନିର୍ମାଣ ସଂସ୍ଥାର ବିଭିନ୍ନ ଷ୍ଟଲ୍ ସ୍ଥାନ ପାଇବ। ଏଥିସହିତ ଭାରତ ସରକାରଙ୍କ ହସ୍ତଶିଳ୍ପ ଉନ୍ନୟନ ଆୟୁକ୍ତ, ନୂଆଦିଲ୍ଲୀଙ୍କ ସହଯୋଗରେ ରାଜ୍ୟ ତଥା ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶିଳ୍ପୀ ଓ ଦ୍ରବ୍ୟର ଷ୍ଟଲ୍ ସ୍ଥାନ ପାଉଛି। ବିଭିନ୍ନ ଶିଳ୍ପ ସଂସ୍ଥା, କେନ୍ଦ୍ର ସରକାରଙ୍କ ବିଭିନ୍ନ ଉଦ୍ୟୋଗ ଉକ୍ତ ମେଳାରେ ଅଂଶ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ମେଳାରେ ମନୋରଞ୍ଜନ ପାଇଁ ବିଭିନ୍ନ ଦୋଳି ସାଙ୍ଗକୁ ଅନେକ ଖାଦ୍ୟ ଷ୍ଟଲ୍ ସ୍ଥାନ ପାଇବ। ୧୮ ତାରିଖ ସନ୍ଧ୍ୟା ୭ଟାରେ ମେଳା ଉଦ୍‌ଘାଟନ ହେବ। ଏଥିରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ ଏବଂ ଅତିଥି ଭାବେ ବ୍ୟାସନଗର ପୌରପରିଷଦର ଅଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।




ଶିଳ୍ପ ବାଣିଜ୍ୟ ମେଳା ଉପଲକ୍ଷେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାଂସ୍କୃତିକ ମଣ୍ଡପକୁ ଅକ୍ଷୟ ମଣ୍ଡପ ଭାବେ ନାମକରଣ କରାଯାଇଛି। ଏଥିରେ ୧୧ ଦିନ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ବିଶେଷକରି ଆସାମର ବିହୁ ନୃତ୍ୟ, ଝାଡ଼ଖଣ୍ଡର ଛଉ ନୃତ୍ୟ ସହ ସ୍ଥାନୀୟ ପ୍ରତିଭା ମାନଙ୍କୁ ପ୍ରୋତ୍ସାହିତ କରିବା ଓ ସବୁ ବର୍ଗର ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ନୃତ୍ୟ, ଗୀତ, ଡ୍ରାମା ଆଦି ପ୍ରଦର୍ଶନ କରାଯିବ। ସୁନାମଧନ୍ୟ ସାକ୍ସୋଫୋନ ବାଦକ ସୌକତ ଖାନ ଓ ରାଜୁ ଶର୍ମାଙ୍କ ପରିବେଷଣରେ କୋଲକାତାର ସୁଦେଷ୍ଣା ଓ ଶ୍ୟାମ ଦାସଙ୍କ କଳାକାରମାନେ ଲତା ମଙ୍ଗେସକର, ମହମ୍ମଦ ରଫି ଏବଂ କିଶୋର କୁମାରଙ୍କ କାଳଜୟୀ ସଙ୍ଗୀତ ପରିବେଷଣ କରିବେ। ଅନ୍ୟ ଦିନଗୁଡ଼ିକରେ ଖିଦିରପୁର କୋଲକାତାର ସଲିମ୍ ମ୍ୟୁଜିକାଲ ଗ୍ରୁପ୍ ଦ୍ୱାରା ଆର୍.ଡି.ବର୍ମନ୍ ଓ ବାପି ଲହିରୀଙ୍କ ଲୋକପ୍ରିୟ ସଙ୍ଗୀତ ପରିବେଷଣ କରାଯିବ। ୨୮ ତାରିଖ ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ତଥା ରଙ୍ଗବତୀ ଗାୟକ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଓ ସାଥୀ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ସଙ୍ଗୀତ ପରିବେଷଣ କରାଯିବ। ଚଳିତ ବର୍ଷ ମେଳାର ବିଷୟବସ୍ତୁ ରହିଛି ଶାନ୍ତି ଓ ପ୍ରେମ ଉପରେ ଆଧାରିତ ଏକ ପତ୍ରବାହକ ପକ୍ଷୀ। ସମଗ୍ର ଆୟୋଜନରେ ମେଳା କମିଟିର ସଦସ୍ୟ ପ୍ରମୋଦ କୁମାର ପ୍ରଧାନ, ରବୀନ୍ଦ୍ର କୁମାର ରାଉତ, ଗୋବିନ୍ଦଚନ୍ଦ୍ର ଦାଶ, ଆଇନଜୀବୀ ମାନସ ସାମଲ, ଖବରଦାତା ଶୁଭାଶିଷ ରାଉତ, ଅର୍ଜୁନ କୁମାର ସ୍ୱାଇଁ, ବିନୋଦ ବିହାରୀ ଜେନା, ଜଗବନ୍ଧୁ ଦାସ, ସ୍ମୃତିରଞ୍ଜନ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ବଳଦେବ ନନ୍ଦ, ଦେବାଂଶୁ ସିଲ୍, ଶେଖ୍ ଜଲାଲଉଦ୍ଦିନ୍, ମିସବା ଉଲ ହକ୍, ସଂଗ୍ରାମ ରାଉତ ପ୍ରମୁଖ ରହିଛନ୍ତି।

## ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କଲେ ପୂର୍ବତନ ବିଧାୟକ

### ସିଦ୍ଧବଳଦେବଜୀଉ ମନ୍ଦିରରୁ ଚୋରି ଘଟଣା

ଧର୍ମଶାଳା,୧୩।୧୧(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ପାଟପୁରସ୍ଥିତ ସିଦ୍ଧବଳଦେବଜୀଉ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ୬ ପ୍ରାଚୀନ ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିବା ଘଟଣାକୁ ନେଇ ଧର୍ମଶାଳା ପୂର୍ବତନ ବିଧାୟକ ରବି ଲାବଣ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ ଏହି ଚୋରି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହ ଚୋରି ହୋଇଥିବା ଦୁର୍ଲଭ ମୂର୍ତ୍ତିଗୁଡ଼ିକୁ ଉଦ୍ଧାର କରିବା ପାଇଁ ସେ ଯାଜପୁର ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି। ମନ୍ଦିରରୁ ଦୁର୍ବୃତ୍ତମାନେ ଠାକୁରଙ୍କୁ ଚୋରି କରିନେବା ଘଟଣା ଅଞ୍ଚଳବାସୀଙ୍କ ଧର୍ମୀୟଭାବନାକୁ କୁଠାରାଘାତ କରିବା ସହିତ ଶ୍ରଦ୍ଧାଳୁଙ୍କ ମନକୁ ଗଭୀର ଆଘାତ ଦେଇଛି। ଏହାଏକ ନିନ୍ଦନୀୟ ଘଟଣା ବୋଲି ଲାବଣ୍ୟ କହିଛନ୍ତି। ଅନ୍ୟପକ୍ଷରେ ଧର୍ମଶାଳା ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିବା ବେଳେ ଅଦ୍ୟାବଧି କୌଣସି ସୁରାଗ ପାଇନାହାଁନ୍ତି।

# ଦାବି ପୂରଣରେ ବିଳମ୍ବ ନେଇ କ୍ଷୋଭ




ବୈଠକରେ ଯୋଗ ଦେଇଥିବା ରାଜସ୍ୱ ଅମଲା ସଂଘର କର୍ମକର୍ତ୍ତା।

## ରାଜସ୍ୱ ଅମଲା ସଂଘର ସାଧାରଣ ବୈଠକ

ଯାଜପୁର ଟାଉନ,୧୩।୧୧(ଡି.ଏନ.ଏ.)

ଓଡ଼ିଶା ରାଜସ୍ୱ ଅମଲା ସଂଘର ଦ୍ୱିତୀୟ ସାଧାରଣ ବୈଠକ ଯାଜପୁର ଜିଲା ସଭାପତି ନିଗମାନନ୍ଦ ମାନ୍ଧାତାଙ୍କ ସଭାପତିତ୍ୱରେ ରବିବାର ସ୍ଥାନୀୟ ଗୌତମବୁଦ୍ଧ ସଂସ୍କୃତିଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ରାଜସ୍ୱ ଅମଲା ସଂଘ ରାଜ୍ୟ ସଭାପତି ଦ୍ରୌପତି ବାଲାଜୀ ସାହୁ ଯୋଗଦେଇ ରାଜ୍ୟ ସରକାର କିଛି ଦାବି ପୂରଣ କରିସାରିଛନ୍ତି ଏବଂ ଆଉ କିଛି ମୁଖ୍ୟ ଦାବି ସରକାରଙ୍କ ସହିତ ଆଲୋଚନା କରି ପୂରଣ ପାଇଁ ଚେଷ୍ଟା ଚାଲିଛି ବୋଲି ଅବଗତ କରାଇଥିଲେ। ମୁଖ୍ୟତଃ ଦରମାରେ ଥିବା ଅସଙ୍ଗତିକୁ ଦୂର କରି କନିଷ୍ଠ ରାଜସ୍ୱ ସହାୟକଙ୍କୁ ଲେଭେଲ-୪ ବଦଳରେ ଯୋଗ୍ୟତା ଭିତ୍ତିକ ଲେଭେଲ-୨ରେ ଦରମା ପ୍ରଦାନ ପାଇଁ ସଂଘ ରଖିଥିବା ଦାବିକୁ ପୂରଣ କରିବାରେ ସରକାରଙ୍କ ତରଫରୁ ବିଳମ୍ବ ହେଉଥିବାରୁ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଜିଲା ସଭାପତି ମାନ୍ଧାତା ପ୍ରାରମ୍ଭିକ ଭାଷଣ ପ୍ରଦାନ କରିବା ପରେ ସଂଘ କାର୍ଯ୍ୟକାରିତା ଓ ମୁଖ୍ୟ ଦାବିଗୁଡିକ ଉପରେ ଆଲୋଚନା କରାଯାଇଲା। ରାଜସ୍ୱ ଆକ୍ସନ କାଉନସିଲର ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ ସଂଘକୁ ମଜଭୁତ ରଖିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ମଦନମୋହନ ପତି, ଅବସରପ୍ରାପ୍ତ ସଭ୍ୟ ପ୍ରଦୀପ କୁମାର ଦାସ, ବେଣୁଧର ନାୟକ, କେନ୍ଦୁଝର ଜିଲା ସଭାପତି କୈଳାଶ ଚନ୍ଦ୍ର ମଲ୍ଲିକ, ନବରଙ୍ଗପୁର ଜିଲା ପୂର୍ବତନ ସଭାପତି କୈଳାଶ ଚନ୍ଦ୍ର ଦାସ, ନବରଙ୍ଗପୁର ଜିଲା ଶାଖା ସମ୍ପାଦକ ତ୍ରିଲୋଚନ ନାୟକ, ସୁନିଲ କୁମାର ଦାସ, ଜିଲାର ବରିଷ୍ଠ ସଭ୍ୟ ଦେବୀ ପ୍ରସନ୍ନ ଧଳ, କାଶୀନାଥ ପରିଡ଼ା, ସୁନିଲ କୁମାର ରାଉତ, ପ୍ରମୋଦ କୁମାର ପଣ୍ଡା, ସରୋଜ କୁମାର ମହାନ୍ତି, ସୁକାନ୍ତ କୁମାର ମହାନ୍ତି, ଲକ୍ଷ୍ମୀଧର ସ୍ୱାଇଁ, ରଜନୀକାନ୍ତ ସାହୁ, ପ୍ରଶାନ୍ତ କୁମାର ନାୟକ, ସନ୍ତୋଷ କୁମାର ସାହୁ, ସୁଦୀପ୍ତ କୁମାର ସାହୁଙ୍କ ସହିତ ଜିଲା କାର୍ଯ୍ୟାଳୟ, ଜିଲାର ସମସ୍ତ ତହସିଲ, ବ୍ଲକ୍, ଶିଶୁବିକାଶ କାର୍ଯ୍ୟାଳୟ ଓ ଜିଲା ପରିଷଦ କାର୍ଯ୍ୟାଳୟର ଶତାଧିକ ରାଜସ୍ୱ କର୍ମଚାରୀ ଯୋଗ ଦେଇଥିଲେ।

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା

### ମହିଳାଙ୍କୁ ଆକ୍ରମଣ ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ପୋଲିସ

ପାଣିକୋଇଲି,୧୩।୧୧(ଡି.ଏନ.ଏ.)

ମହିଳାଙ୍କୁ ଆକ୍ରମଣ ମାମଲାରେ ପୋଲିସ କେବଳ ମାମଲା ରୁଜୁ କରି ବସିଛି। କାର୍ଯ୍ୟାନୁଷ୍ଠାନର ନାଁ ଧରୁନାହିଁ। ଫଳରେ ଅଭିଯୁକ୍ତ ସମ୍ପୃକ୍ତ ମହିଳାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ତେଣୁ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଗୁହାରି କରିଛନ୍ତି ପୀଡ଼ିତା। ସେ ହେଲେ ଯାଜପୁର ଥାନା ଅନ୍ତର୍ଗତ ଚିତାଳ ଗ୍ରାମର ଅପନି ଜେନାଙ୍କ ସ୍ତ୍ରୀ କଲ୍ୟାଣୀ ଜେନା।

ଅଭିଯୋଗ ମୁତାବକ, ସେ ତାଙ୍କ ଘରେ ରୋଷେଇ କରୁଥିବା ସମୟରେ ଗ୍ରାମର ଧନେଶ୍ୱର ନାୟକ ଆସି ଡିବିରି ମାଗିଥିଲେ। କଲ୍ୟାଣୀ ଶୁଣି ନ ପାରି ଡିବିରି ନ ଦେବାରୁ ଧନେଶ୍ୱର ଉତ୍‌କ୍ଷିପ୍ତ ହୋଇ ଡିବିରିକୁ ଫୋପାଡି ଦେବା ସହ କଲ୍ୟାଣୀଙ୍କୁ ଗାଳିଗୁଲଜ କରିଥିଲେ। ପରେ କେନାଲ ବନ୍ଧ ଯାଏ ଘୋଷାଡି ନେଇଥିଲେ। ଏହି ସମୟରେ ଅପନି ପହଞ୍ଚି ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ସେ ମାଡ଼ ମାରିଥିଲେ। ଗ୍ରାମବାସୀ ପହଞ୍ଚି ଅପନି ଓ କଲ୍ୟାଣୀଙ୍କୁ ଉଦ୍ଧାର କରିଥିଲେ। ଧନେଶ୍ୱର ଅପନିଙ୍କ ଘରେ ପଶି ସମସ୍ତ ଆସବାସପତ୍ର ଫୋପାଡି ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ନଂ.୨୬୨/୨୨ ରୁଜୁ କରିଥିଲା। ହେଲେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଜୀବନ ପ୍ରତି ବିପଦ ଆଶଙ୍କାରେ ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚି କଲ୍ୟାଣୀ ଆରକ୍ଷୀ ଅଧୀକ୍ଷକଙ୍କୁ ନ୍ୟାୟ ଓ ସୁରକ୍ଷା ମାଗିଛନ୍ତି।

# ସମ୍ବିଧାନ ବଞ୍ଚାଅ ପଦଯାତ୍ରା ପ୍ରତି ବଢୁଛି ସମର୍ଥନ

### ଯୋଗଦେଲେ ପରିବେଶବିତ୍, ସାମାଜିକ ଅନୁଷ୍ଠାନ

ରସୁଲପୁର,୧୩।୧୧(ଡି.ଏନ.ଏ.)

ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସରରୁ ଯାଜପୁର ଜିଲା ସର୍ବୋଦୟ ମଣ୍ଡଳ ଓ ରାଷ୍ଟ୍ରୀୟ ଯୁବ ସଂଗଠନ ପକ୍ଷରୁ ରାଷ୍ଟ୍ରୀୟସ୍ତରରେ ନଫରତ ଛାଡ଼ି ସମ୍ବିଧାନ ବଞ୍ଚାଅ ପଦଯାତ୍ରା ଆରମ୍ଭ ହୋଇଥିବାବେଳେ ରବିବାର ଏହି ଅଭିଯାନ ଦ୍ୱିତୀୟ ଦିନରେ ପହଞ୍ଚିଛି। ଗାଁରେ ପଦଯାତ୍ରୀ ବୁଲୁଥିବାବେଳେ ସେମାନଙ୍କ ପ୍ରତି ଜନସମର୍ଥନ ବଢିବାରେ ଲାଗିଛି। ଏହି ଅଭିଯାନରେ ସାମିଲ ହୋଇଛନ୍ତି ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମୀଣ ଏକତା ମଞ୍ଚ ଓ ଠେଙ୍ଗାବାହିନୀ ପ୍ରମୁଖର କାର୍ଯ୍ୟକର୍ତ୍ତା। ସେମାନେ ଯୋଗଦେଇ ପଦଯାତ୍ରୀଙ୍କୁ ପ୍ରେରିତ କରିଛନ୍ତି।

ପଦଯାତ୍ରୀମାନେ କଲଣ ବଜାରର ଗାନ୍ଧିମୂର୍ତ୍ତି ନିକଟରେ ପହଞ୍ଚି ଏକ ପଥପ୍ରାନ୍ତ ସଭା ଆୟୋଜନ କରିଥିଲେ। ଏଥିରେ ସର୍ବୋଦୟ ମଣ୍ଡଳ ସମ୍ପାଦକ ଦେବବ୍ରତ ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପରିବେଶବିତ୍ ସାମନ୍ତରା, ମୁଖ୍ୟବକ୍ତା ସର୍ବୋଦୟ ନେତା ଡ. ବିଶ୍ୱଜିତ୍, ସମ୍ମାନିତ ଅତିଥି ଭାବରେ ସଂଗଠନ ପକ୍ଷରୁ ବିଜୟ କୁମାର ତ୍ରିପାଠୀ, ମିହିର ପ୍ରତାପ ଦାସ, ଶରତ ଚନ୍ଦ୍ର ପ୍ରଧାନ, କଲ୍ୟାଣ ଆନନ୍ଦ, ଠେଙ୍ଗାବାହିନୀ ମୁଖ୍ୟ କୃଷକ ଲକ୍ଷ୍ମଣ ଦାସ ପ୍ରମୁଖ ଯୋଗଦେଇ ସରକାରଙ୍କ ଦେଶ ବିଗାଡିବାର ନୀତିକୁ ସମାଲୋଚନା କରିଥିଲେ। ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧି, ବେରୋଜଗାରୀ, ସାମ୍ପ୍ରଦାୟିକ ଅସ୍ଥିରତା ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସରକାରଙ୍କ ଟାଳଟୁଳ ନୀତି ଯୋଗୁ ସମ୍ବିଧାନ ସଙ୍କଟ ଦେଇ ଗତି କରୁଛି। ଏଭଳି ସ୍ଥିତିରେ ଜନସାଧାରଣଙ୍କ ସ୍ୱର ଶାଣିତ ହେବା ଆବଶ୍ୟକତା ମନେହେଉଛି। ଘୃଣା, ବିଦ୍ୱେଶ ଭାବକୁ ଛାଡି ଗାନ୍ଧିଜୀଙ୍କ ନୀତି ଆଦର୍ଶକୁ ଆପଣେଇ ପାରିଲେ ଦେଶ, ଜାତି ଓ ସର୍ବୋପରି ସମ୍ବିଧାନ ସୁରକ୍ଷିତ ରହିପାରିବ ବୋଲି ମତ ପ୍ରକାଶ ପାଇଥିଲା। ପଦଯାତ୍ରୀମାନେ ଏହି ବ୍ଲକର ସିଂହପୁର, ହାଟ ସିଂହପୁର, ସରବଣା, ଶୁଳିଆ, ବାମଦେଇପୁର, ଜଗନ୍ନାଥପୁର ଆଦି ଗ୍ରାମ ଦେଇ ସଭାସ୍ଥଳରେ ପହଞ୍ଚିଥିଲେ। ଏହି ଅବସରରେ ଖବରଦାତା ଦୀପ୍ତିମୟ ନାୟକ, ପଙ୍କଜ ମଲିକ ଓ ପ୍ରବୋଧ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଯୁବ ସଂଗଠନର ରାଷ୍ଟ୍ରୀୟ ସମିତି ସଦସ୍ୟ ମାନସ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।




ପଦଯାତ୍ରାରେ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବଉଳଫୁଲ ଶିଶୁ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ଯାଜପୁର ରୋଡ୍,୧୩।୧୧(ଡି.ଏନ.ଏ.)

ଶିଶୁ ସାହିତ୍ୟ ଅନୁଷ୍ଠାନ 'ବଉଳଫୁଲ'ର ୧୬ତମ ବାର୍ଷିକୋତ୍ସବ ରବିବାର ରୟାଲ କଳିଙ୍ଗ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଅଧ୍ୟାପକ ଅକ୍ଷୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ଚଳଚ୍ଚିତ୍ର ନିର୍ମାତା ଅଶୋକ ଘଡ଼ିଆ ମୁଖ୍ୟଅତିଥି, ଶିଶୁ ସାହିତ୍ୟିକ ଅରୁଣ କୁମାର ପଣ୍ଡା ମୁଖ୍ୟବକ୍ତା, ଶରତ ରାୟ, ଦୁଷ୍ମନ୍ତ ନାୟକ, କବି ବିମଳ ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ସାହିତ୍ୟ ଉପରେ ଆଲୋଚନା କରିଥିଲେ।

ବଉଳଫୁଲର ସମ୍ପାଦିକା ବ୍ରଜେଶ୍ୱରୀ ସିଂ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ପ୍ରଜ୍ଞାପ୍ରବର୍ତ୍ତିକା ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରଥମ ଅଧିବେଶନରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦୟବଟର ସମ୍ପାଦକ ଦୁଷ୍ମନ୍ତ କୁମାର ରାଉତ ମୁଖ୍ୟଅତିଥି ଏବଂ ବରିଷ୍ଠ କବି ସୁଦାମ ଚରଣ ନାୟକ, ଶିକ୍ଷାବିତ୍ ସନ୍ଧ୍ୟାରାଣୀ ଘଡ଼ାଇ, ଧରିତ୍ରୀ ଦାସ, ଲବଙ୍ଗଲତା ପରିଡ଼ା ପ୍ରମୁଖ କବିତାଗୁଡିକୁ ସଂଯୋଜନା କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୬୦ରୁ ଅଧିକ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଖବରଦାତା ସଂଗ୍ରାମ କେଶରୀ ସିଂହ, ପ୍ରଦ୍ୟୁମ୍ନ ବୋଇତାଇ, ଶିକ୍ଷକ ମଦନ ମୋହନ ବେହେରା, ନାରାୟଣ ଶତପଥୀ, ଅରୁଣ କୁମାର ପଣ୍ଡା, ରବୀନ୍ଦ୍ର କୁମାର ବେହେରା, ପ୍ରଦୀପ କୁମାର ଦାଶ, ଶିକ୍ଷାବିତ୍ ଅଶ୍ୱିନୀ କୁମାର ଦାସ, ସୁଷମା ରାଉତ, ପଦ୍ମଜା ଶରଣ, ଆଶିଷ କୁମାର ବଳ ଓ ଗୋଲକ ଚନ୍ଦ୍ର ପଲାଇ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ମଳୟ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।




'ବଉଳଫୁଲ'ର ବାର୍ଷିକୋତ୍ସବ ଅବସରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# 'ବିଜୁ ଜନତା ଦଳ ମହିଳାଙ୍କୁ ସଶକ୍ତ କରିଛି'




ସଭାରେ ଯୋଗ ଦେଇଥିବା ମନ୍ତ୍ରୀ, ବିଧାୟକ ଓ ଅନ୍ୟ ଜନ ପ୍ରତିନିଧି।

## ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ

ଚଣ୍ଡିଖୋଲ,୧୩।୧୧(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ଶାସନ ଭାର ଗ୍ରହଣ କରିବା ଦିନଠାରୁ ପ୍ରତ୍ୟେକ ବର୍ଗର ଲୋକଙ୍କ ଉନ୍ନତି ଘଟିଛି। ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ଗରିବ ଲୋକଙ୍କ ଦୁଃଖ ଦୂର ହୋଇଛି। ଓଡ଼ିଶାର ମହିଳାମାନେ ମଧ୍ୟ ସଶକ୍ତ ହୋଇ ପାରିଛନ୍ତି ବୋଲି ବଡ଼ଚଣା ବ୍ଲକ୍ ବିଜୁ ଜନତା ଦଳର ରବିବାର ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ଏକଥା ପ୍ରକାଶ କରିଛନ୍ତି। ପଦଯାତ୍ରା ଖଇରା ପୋଲଠାରୁ ଆରମ୍ଭ ହୋଇ ଚଣ୍ଡିଖୋଲଠାରେ ଉଦ୍‌ଯାପିତ ହୋଇଥିଲା। ଦୀର୍ଘ ୬କିଲୋମିଟର ରାସ୍ତା ଅତିକ୍ରମ ପରେ ଚଣ୍ଡିଖୋଲଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ସଂଯୋଜକ ସାରଦା ପ୍ରସନ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଯୋଗଦେଇ ଚଣ୍ଡିଖୋଲ ଛକ ହେଉଛି ଏପରି ସ୍ଥାନ ଯିଏକି ୬ଟି ଜିଲାର କେନ୍ଦ୍ରସ୍ଥଳ ଭାବେ ପରିଚିତ। ଏଠାର ବାର୍ତ୍ତା କଟକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କେନ୍ଦୁଝର ଓ ଭଦ୍ରକ ଜିଲାକୁ ପ୍ରଭାବିତ କରିଥାଏ। ସଭାରେ ମହିଳାମାନଙ୍କ ଯେଉଁ ଉପସ୍ଥିତି ତାହା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ ପ୍ରକାଶ କରିଥିଲେ।

ଅନ୍ୟତମ ଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗଦେଇ ବିଜୁ ଜନତାଦଳ ହେଉଛି ଯୁବ, ଛାତ୍ର ଓ ମହିଳାମାନଙ୍କର ଶକ୍ତି। ଆଜି ଯେଉଁ ଭାବରେ କାର୍ଯ୍ୟକ୍ରମକୁ ସମସ୍ତେ ସଫଳ କରାଇଛନ୍ତି ସେଥିପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ଅଭିନେତ୍ରୀ ତଥା ଯୁବ ଛାତ୍ର ବିଜେଡିର ମହାସଚିବ ଏଲିନା ଦାସ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ବିଜୁ ଜନତାଦଳ ସଭାପତି ଅରବିନ୍ଦ ସାମଲ, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି, ଯତିନ୍ଦ୍ର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ବ୍ଲକ ସାଧାରଣ ସମ୍ପାଦକ ବିପିନ୍ ବିହାରୀ ଜେନା, ମିହିର କୁମାର ସ୍ୱାଇଁ, ଅମର ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୭୦୨ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ଜଣେ ଗିରଫ

ଆର.ଉଦୟଗିରି, ୧୩।୧୧ (ଡି.ଏନ.ଏ.): ଆର.ଉଦୟଗିରି ପୋଲିସ ଶନିବାର ପାଟ୍ରୋଲିଂ ବେଳେ ୭୦୨ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଗାଡି ଚାଳକଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଶନିବାର ଆର.ଉଦୟଗିରି ଏସ୍ଆଇ ଡିକେ ଅମନ୍ତ ଏବଂ କର୍ମଚାରୀ ମକାପଦା ଛକଠାରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ବୋଲେରୋ ପିକଅପ୍ (ନଂ ଓଡି୨ସିସି୧୯୩୫) ଠାବ କରି ଯାଞ୍ଚ କରିଥିଲେ। ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ତହସିଲଦାର ଲରିମନ ଖର୍ସେଲଙ୍କ ଉପସ୍ଥିତିରେ ଓଜନ ହୋଇଥିଲା। ଗଞ୍ଜେଇ ଚାଲାଣକାରୀ ପୋଲିସ ଟିମ୍‌କୁ ଦେଖି ବସ୍ତାକୁ ଛାଡ଼ି ଅନ୍ୟ ଜଣେ ଅଭିଯୁକ୍ତ ଚାଲିଯାଇଥିବା ଜଣାପଡିଛି। ଏ ନେଇ ପୋଲିସ ଆର.ଉଦୟଗିରି ଥାନାରେ ନଂ.୧୩୮/୨୨ରେ ମାମଲା ରୁଜୁ କରିଛି।

### ନୀଳାଦ୍ରିପୁରରେ ସ୍ୱାସ୍ଥ୍ୟସେବା ଶିବିର

ଗଞ୍ଜାମ,୧୩।୧୧(ଡି.ଏନ.ଏ.)-ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ନୀଳାଦ୍ରିପୁର ଗ୍ରାମ ବାତ୍ୟା ଆଶ୍ରୟସ୍ଥଳରେ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ସହର ଗ୍ରାସୀମ ଇଣ୍ଡଷ୍ଟ୍ରି ଆନୁକୂଲ୍ୟରେ ଆୟୋଜିତ ସ୍ୱାସ୍ଥ୍ୟମେଳା ଶିବିରକୁ ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ପ୍ରଧାନ ଉଦ୍‌ଘାଟନ କରିଥିଲେ। ଶିବିରରେ ସମସ୍ତ ରୋଗୀଙ୍କ ରକ୍ତ ପରୀକ୍ଷା କରାଯିବା ସହ ସେମାନଙ୍କ ରୋଗ ଚିହ୍ନଟ କରି ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଯୋଗଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ମାଗଣା ଔଷଧ ଓ ରକ୍ତ ପରୀକ୍ଷା କରିଥିଲେ। କମ୍ପାନୀ ଜେନେରାଲ ମ୍ୟାନେଜର ରବୀନ୍ଦ୍ର କୁମାର ମହାନ୍ତି ଉପସ୍ଥିତ ଥିଲେ। ଏହି ଶିବିରରେ ଭାରତ କ୍ଲିନିକ୍‌ର ତତ୍ତ୍ୱାବଧାନରେ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ କଲେଜ ସ୍ତ୍ରୀ ରୋଗ ବିଶେଷଜ୍ଞ, ଭେଷଜ ଓ ଅସ୍ଥିଶଲ୍ୟ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ସ୍ୱାସ୍ଥ୍ୟସେବା ଯୋଗାଇଥିଲେ।

### ଜାତୀୟ ଶିକ୍ଷା ଦିବସ

**କବିସୂର୍ଯ୍ୟନଗର, ୧୩।୧୧(ଡି.ଏନ.ଏ.):** କବିସୂର୍ଯ୍ୟନଗର ବ୍ଲକ ଇ.ଡେଙ୍ଗାପଦର ପ୍ରକଳ୍ପ ୟୁପି ସ୍କୁଲରେ ପୁରୁଣା ଛାତ୍ରୀଛାତ୍ରଙ୍କୁ ନେଇ ଏକ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ, ସମ୍ମାନିତ ଅତିଥି ସାମାଜିକ କର୍ମୀ, ଉଦ୍ୟୋଗୀ ଶ୍ୱେତ ଦୋରା, ନନ୍ଦିଆଗଡା ସରପଞ୍ଚ ରାଜଲକ୍ଷ୍ମୀ ଦାସ, ବିଇଓ ବିଷ୍ଣୁପ୍ରିୟା ନାୟକ, ପ୍ରାକ୍ତନ ଏବିଇଓ ନିରଞ୍ଜନ ସାହୁ, ଇଂଲିଶ କବି ପ୍ରଶ୍ନ କୁମାର ଦଳାଇ, ଡ. ସୁରେନ୍ଦ୍ର ନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶ୍ୱେତ ଦୋରା ୨୦ ହଜାର ଟଙ୍କା, ଶିକ୍ଷକ ରମେଶ ଚନ୍ଦ୍ର ବେହେରା ୧୦ ହଜାର, ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ଦଳାଇ ଓ ଶିବାନୀ ନାୟକ ୩ ହଜାର, ଏସ୍ଏମ୍‌ସି ସଭାପତି ସୁଦାମ ବାରିକ ୬ ହଜାର ଟଙ୍କା ସ୍କୁଲକୁ ଦାନ କରିଥିଲେ। ସିଆରସିସି ରାଜେଶ କୁମାର ମହାରଣା ଓ ପ୍ରଧାନ ଶିକ୍ଷକ ଏସ.ଗୌରାଚନ୍ଦ ରେଡ୍ଡୀ ପରିଚାଳନାରେ ସହଯୋଗ କରିଥିଲେ।

### ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ମୋ ହାଟ କାର୍ଯ୍ୟକ୍ରମ

**ଜି.ଉଦୟଗିରି,୧୩।୧୧(ଡି.ଏନ.ଏ.):** ଜି.ଉଦୟଗିରିସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରଠାରେ ମୋ ହାଟ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାର ସାମଗ୍ରୀ ଆଣି ବିକ୍ରି କରିଥିଲେ। ଖାଇବା ସାମଗ୍ରୀ, ପଢା ସମ୍ବନ୍ଧୀୟ ଜିନିଷ ବ୍ୟତୀତ ଛାତ୍ରୀଛାତ୍ର ବ୍ୟବହୃତ ବିଭିନ୍ନ ପ୍ରକାରର ଜିନିଷ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା। ମୋ ହାଟରେ ବହୁ ଅଭିଭାବକ, ଛାତ୍ରୀଛାତ୍ର ଜିନିଷ କ୍ରୟ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସମ୍ପାଦକ ଅରୁଣ କୁମାର ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ପ୍ରଧାନାଚାର୍ଯ୍ୟ ସୁକନ୍ୟା ନାୟକ, ସ୍ମୃତି ରଞ୍ଜନ ବେହେରା, ଗୀତାଞ୍ଜଳି ଚୌଧୁରୀ, ସରିତା ସାହୁ, ଦୀପିକା ପଟ୍ଟନାୟକ, ରାଜ ଲକ୍ଷ୍ମୀ ପାଣିଗ୍ରାହୀ, ଶ୍ରଦ୍ଧାଞ୍ଜଳି ଦଳବେହେରା, ପି.ଏଲ. ସ୍ମୃତିରେଖା ପାତ୍ର, ସୁକାନ୍ତି ପ୍ରଧାନ, ସୁଦୀପ୍ତା ବିଶ୍ୱମ୍ଭଦା ବେହେରା, ଅନିତା ସାହୁ ଓ ବିଷ୍ଣୁ ପ୍ରିୟା ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ ସ୍ୱାବଲମ୍ବୀ ହେବା ସହ ଗଣିତ ଭୌତିକ ଜ୍ଞାନ ଆହରଣ ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଥିଲା ବୋଲି ଅନୁଷ୍ଠାନର ସମ୍ପାଦକ କହିଛନ୍ତି।

# ସ୍ମାର୍ଟକେମ୍ କମ୍ପାନୀ ସ୍ଥାପନକୁ ବିରୋଧ ଜାରି ରହିବ

## ଗାଁ କମିଟି ବୈଠକରେ ନିଷ୍ପତ୍ତି

**ଛତ୍ରପୁର,୧୩।୧୧(ଡି.ଏନ.ଏ)**

ଗଞ୍ଜାମ ଜିଲା ଛତ୍ରପୁର ତହସିଲ ଅଧୀନ କାଳିପଲ୍ଲୀଠାରେ ଟାଟା ଇଣ୍ଡଷ୍ଟ୍ରିଆଲ ପାର୍କ ପରିସରରେ ସ୍ମାର୍ଟକେମ୍ ଟେକ୍ନୋଲଜି କମ୍ପାନୀ ସ୍ଥାପନକୁ ଗ୍ରାମବାସୀଙ୍କ ବିରୋଧ ପରେ ଏହାର କାମ ବନ୍ଦ ରହିଛି । କମ୍ପାନୀ ସ୍ଥାପନକୁ ଏଭଳି ବିରୋଧ ଜାରି ରହିବ ବୋଲି ଗାଁ କମିଟି ବୈଠକରେ ନିଷ୍ପତ୍ତି ହୋଇଥିବା କାଳିପଲ୍ଲୀ ଗ୍ରାମ୍ୟ କମିଟିର ସଭାପତି ବି.ମୋହନ ପାତ୍ର ରବିବାର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଉକ୍ତ କମ୍ପାନୀ ବିରୋଧରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ ହୋଇଛି। ତେଣୁ ଏହି କମ୍ପାନୀ ସ୍ଥାପନ ଲାଗି କାର୍ଯ୍ୟ ଆରମ୍ଭ ନେଇ ଅନିଶ୍ଚିତତା ଦେଖାଦେଇଛି। ସେପଟେ କୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ କମ୍ପାନୀ କାର୍ଯ୍ୟ କିଭଳି ଆରମ୍ଭ ହୋଇପାରିବ ସେ ନେଇ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଥିଲେ ମଧ୍ୟ ବୈଠକ ଓ ଆଲୋଚନା ବିଫଳ ହେଉଛି। ଗତ ୯ତାରିଖରେ ଏହି କମ୍ପାନୀ କାର୍ଯ୍ୟ ଆରମ୍ଭ ନେଇ ଛତ୍ରପୁର ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ତ୍ରିପାକ୍ଷିକ ଆଲୋଚନା ବୈଠକ ହୋଇଥିଲା। ବୈଠକରୁ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା । ଗାଁରେ ଆଲୋଚନା କରି ଜଣାଇବାକୁ ଗାଁ କମିଟିକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଥିଲା । ଗ୍ରାମବାସୀଙ୍କ ଏଦା ଜିଦ୍ ବିନା ଜନଶୁଣାଣିରେ କମ୍ପାନୀ ଏଠାରେ ହୋଇପାରିବନି। କମ୍ପାନୀ ହେଲେ ସେଥିରୁ ନିର୍ଗତ ହେବାକୁ ଥିବା ବିଷାକ୍ତ ଗ୍ୟାସରେ କାଳିପଲ୍ଲୀ, ଚମାଖଣ୍ଡି ଆଦି ପଞ୍ଚାୟତର ୨୦ ଖଣ୍ଡ ଗାଁର ଲୋକେ ପ୍ରଭାବିତ ହେବେ। ତେଣୁ ନିର୍ମାଣ କାର୍ଯ୍ୟକୁ ବିରୋଧ ସହ ଆନ୍ଦୋଳନ ଜାରି ରହିବ ବୋଲି ଗାଁ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଉଦ୍‌ଯାପନ ହେଲା ଗୌରୀଆମ୍ମା ଯାତ୍ରା



ଭକ୍ତଙ୍କ ଉପସ୍ଥିତିରେ ଗୌରୀଆମ୍ମାଙ୍କ ବିସର୍ଜନ ଶୋଭାଯାତ୍ରା।

## ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଗୌରୀଆମ୍ମାଙ୍କ ବିସର୍ଜନ

**ପୋଲସରା,୧୩।୧୧(ଡି.ଏନ.ଏ.)**

ପୋଲସରା ସହରରେ ଦୀର୍ଘ ଦିନ ଧରି ଚାଲିଥିବା ପ୍ରସିଦ୍ଧ ଗଣପର୍ବ ଗୌରୀଆମ୍ମା ଯାତ୍ରାର ଶେଷ ବିରାମ ହୋଇଥିବା ବେଳେ ଶହଶହ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ରବିବାର ଔଇରାଣୀ ବନ୍ଧରେ ଗୌରୀଆମ୍ମାଙ୍କ ପ୍ରତିମୂର୍ତ୍ତିକୁ ବିସର୍ଜନ କରାଯାଇଛି। ଦୀର୍ଘ ଏକ ମାସଧରି ପୋଲସରାର ଐତିହ୍ୟ ଗୌରୀଆମ୍ମା ଯାତ୍ରା ବହୁ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଥିଲା। ସଂସ୍କୃତି ଓ ପରମ୍ପରାର ଭାଇଚାରାକୁ ନେଇ ପ୍ରତ୍ୟେକ ସାହିରେ ବିଭିନ୍ନ ସୁସଜ୍ଜିତ ମେଢ଼ ଏବଂ ତୋରଣ ସ୍ଥାନ ପାଇଥିଲା। ଯାହା ଶହଶହ ଶ୍ରଦ୍ଧାଳୁଙ୍କ ମନରେ ଅସିମ ଶ୍ରଦ୍ଧାର ଭାବ ଦେଖିବାକୁ ମିଳିଥିଲା। ଏପରିକି ଗୌରୀଆମ୍ମାଙ୍କ ଆସ୍ଥା ଓ ବିଶ୍ୱାସକୁ ନେଇ ଡେରା ସମ୍ପ୍ରଦାୟର ଲୋକମାନେ ପ୍ରତ୍ୟେକ ଦିନ ବିଭିନ୍ନ ସାହିକୁ ମାଁଙ୍କ ଆସ୍ଥାନକୁ ମୁଣ୍ଡରେ ଧରି ପରିଭ୍ରମଣ କରାଇ ଭକ୍ତଙ୍କ ମନୋବାଞ୍ଛା ପୂର୍ବକ ଦର୍ଶନ ଦେଉଥିଲେ। ପ୍ରାୟ ୨୦୦ ଶହ ବର୍ଷର ପରମ୍ପରାକୁ ଧରି ପ୍ରତି ପାଞ୍ଚ ବର୍ଷରେ ଥରେ ହୋଇଥାଏ ଏହି ପ୍ରସିଦ୍ଧ ଗଣପର୍ବ। ଯେଉଁଠି ମା'ଙ୍କ ଅସ୍ଥାୟୀ ମଣ୍ଡପଠାରୁ ଆରମ୍ଭ କରି ସମସ୍ତ ପୂଜା ମଣ୍ଡପରେ ଗହଳି ଚହଳି ଲାଗି ରହିଥାଏ। ମିନା ବଜାରଠାରୁ ଆରମ୍ଭ କରି ବିଭିନ୍ନ ରକମର ସ୍ୱାଦିଷ୍ଟ ଖାଦ୍ୟ ସାମଗ୍ରୀ ଥିବାବେଳେ ରାମ ଦୋଳି, ବ୍ରେକଡ୍ୟାନ୍ସ ଦୋଳିର ଖୁବ୍ ମଜା ଉଠାଇଛନ୍ତି ଦୂରଦୂରାନ୍ତରୁ ଆସିଥିବା ବହୁ ଦର୍ଶକ। ଶେଷରେ ମା'ଙ୍କ ମେଲାଣିର ସମୟକୁ ନେଇ ଶ୍ରଦ୍ଧାଳୁଙ୍କ ମନରେ ଭାବପ୍ରବଣତାର ଦୃଶ୍ୟ ଦେଖିବାକୁ ମିଳିଥିଲା। ପରେ ଘଣ୍ଟ ଘଣ୍ଟା ମୃଦଙ୍ଗ ବାଦ୍ୟରେ ଅସ୍ଥାୟୀ ମଣ୍ଡପରୁ ଗୌରୀଆମ୍ମା ଶୋଭାଯାତ୍ରାରେ ବାହାରି ନିକଟସ୍ଥ ଔଇରାଣୀ ବନ୍ଧ ନିକଟରେ ପହଞ୍ଚି ଥିଲେ। ଏହି ଅବସରରେ ବହୁ ମାନସିକଧାରୀ ମହିଳା ଦୀପ କଳସୀ ଧରି ମା'ଙ୍କ ପରିଭ୍ରମଣରେ ସାମିଲ ହୋଇଥିଲେ। ସେଠାରେ ଦେବାଙ୍ଗୁଲ ତଥା ଡେରା ସଂପ୍ରଦାୟର ଲୋକମାନେ ଗୌରୀଆମ୍ମାଙ୍କ ବିଧିପୂର୍ବକ ପୂଜାର୍ଚ୍ଚନା କରି ଶେଷରେ ମାଁଙ୍କୁ ଗଭୀର ଜଳରେ ବିସର୍ଜନ କରିଥିଲେ। ଅନ୍ୟପଟେ ପୋଲସରା ବିଭିନ୍ନ ସାହିରେ ହୋଇଥିବା ବିଭିନ୍ନ ପୂଜା ମଣ୍ଡପର ସୁସଜ୍ଜିତ ମେଢ଼ଗୁଡ଼ିକ ୧୪ ତାରିଖରେ ବିସର୍ଜନ ହେବ। ସମସ୍ତ ମେଢ଼ ଲୁଣିଘାଟିସ୍ଥିତ ଖେଳ ପଡିଆଠାରେ ଏକତ୍ରିତ ହୋଇ ଗୋଟିଏ ସମୟରେ ଶୋଭାଯାତ୍ରାରେ ବାହାରି ପୋଲସରା ମୁଖ୍ୟ ସଡ଼କ ଦେଇ ଧନେଇ ନଦୀରେ ବିସର୍ଜନ କରାଯିବ ବୋଲି ପୋଲସରା ଯାତ୍ରା କମିଟିର ସଦସ୍ୟ, ଜନପ୍ରତିନିଧି ଓ ପୋଲସରା ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ସମସ୍ତ ସୂଚନା ପ୍ରଦାନ କରିଛନ୍ତି।

## ୪୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ବିଜେଡିରେ ସାମିଲ

**ଗୋପାଳପୁର,୧୩।୧୧(ଡି.ଏନ.ଏ.)**

ଗତ କିଛିମାସ ହେଲା ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ରାଜନୈତିକ ତାତି ବଢ଼ିବାରେ ଲାଗିଛି। ରବିବାର ଏହି ନିର୍ବାଚନମଣ୍ଡଳୀର ବିକ୍ରମପୁର ଓ କରାପଲ୍ଲୀରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ.ଗୋପବନ୍ଧୁ ଦାସ ଏହାର ମଙ୍ଗ ଧରିଥିବା ବେଳେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ବ୍ଲକ ଉପାଧ୍ୟକ୍ଷ ଅନୀତା ମହାଙ୍କୁଡ, ଜିଲାପରିଷଦ ଉପସଭାନେତ୍ରୀ ଏସ୍ ରାଜେଶ୍ୱରୀ ଦୋରା, ରାଜ୍ୟ ଛାତ୍ର ସମ୍ପାଦକ ଅଜିତ କୁମାର ରାଉଳ, ଜିଲା ଉପସଭାନେତ୍ରୀ ବିଷ୍ଣୁପ୍ରିୟା ନାୟକ, ବ୍ଲକ ସଭାପତି ଅଜିତ କୁମାର ଦାସ, ୫୪ ନମ୍ବର ଜିଲା ପରିଷଦ ଦୀପକ କୁମାର ସାମଲ, ଗୋପାଳପୁର ଏନ୍ଏସି ଅଧ୍ୟକ୍ଷ ଜାନକୀ ରାମ, ତଅପୋଇ ଦାସ, ବିନୋଦ କୁମାର ମହାଙ୍କୁଡ଼ ଓ ଯୁବ ନେତା ସନ୍ତୋଷ ପାତ୍ରଙ୍କ ନେତୃତ୍ୱରେ ହଜାରରୁ ଊର୍ଦ୍ଧ୍ୱ ମହିଳା ବିକ୍ରମପୁର ଗ୍ରାମରେ ରାଜ୍ୟ ସରକାରଙ୍କ ଲୋକହିତକର ଯୋଜନା ସମ୍ପର୍କରେ ସଚେତନ କରାଇବା ସହ ଜନସମ୍ପର୍କ ପଦଯାତ୍ରାରେ ଡ.ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହାପରେ କରାପଲ୍ଲୀଠାରେ ମଧ୍ୟ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଡୁରା ଓ ରଙ୍ଗେଇଲୁଣ୍ଡା ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଓ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିଲେ। ତାରିଣୀପେଣ୍ଠ ଓ ବିଶ୍ୱନାଥପୁର ଗ୍ରାମରେ ନୂତନ କୋଠଘରକୁ ରାଜନୈତିକ ସଚିବ ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଶଶିଭୂଷଣ ମହାନ୍ତି, ରାମହରି ପାତ୍ର, ମେନକା ରେଡ୍ଡୀ, ଡିଲେଶ୍ୱର ରେଡ୍ଡୀ, କେ.ପ୍ରବୀଣ କୁମାର, ପ୍ରଶାନ୍ତ ଦାସ ଓ ଦଣ୍ଡପାଣି ବେହେରା, ଜୟ ସାହୁ, ଦମୟନ୍ତୀ ରେଡ୍ଡୀ, ସନ୍ତୋଷ ପ୍ରଧାନଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# କଳାକାର ଭତ୍ତା ଆବେଦନକାରୀଙ୍କ ଦକ୍ଷତା ପରୀକ୍ଷା

**ବୁଗୁଡ଼ା,୧୩।୧୧(ଡି.ଏନ୍.ଏ.)**

ବୁଗୁଡା ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ବ୍ଲକ ସ୍ତରୀୟ କଳାକାର ଚିହ୍ନଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀ, ବିଡିଓ ବାସୁଦେବ ନାୟକ, ଆଡିସିନାଲ୍ ଆଇଆଇସି ଶର୍ମିଷ୍ଠା ପ୍ରଧାନ, ସଙ୍ଗୀତ ଶିକ୍ଷକ ସୁରେନ୍ଦ୍ର ନାଥ ଦାସ, ବରିଷ୍ଠ କଳାକାର ତପନ ମହାରଣା ପ୍ରମୁଖ ବିଚାରକ ଭାବେ ରହିଥିଲେ। ଏହି କାର୍ଯ୍ୟକ୍ରମରେ ବୁଗୁଡା ବ୍ଲକ କଳାକାର ସଂଘର ଉପସଭାପତି ଜଟେଶ୍ୱର ବିଷୋୟୀ ଉପସ୍ଥିତ ରହିଥିଲା ବେଳେ ଏହାକୁ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସୁପ୍ରିୟା ତ୍ରିପାଠୀ ପରିଚାଳନା ଏବଂ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ସଂଯୋଜନା କରିଥିଲେ। ଏହି ଅବସରରେ ଆବେଦନକାରୀ କଳାକାରଙ୍କ ପ୍ରମାଣ ପତ୍ର ଯାଞ୍ଚ ସହ ଦକ୍ଷତା ପରୀକ୍ଷା କରାଯାଇଥିଲା। ବୁଗୁଡା ବ୍ଲକ ଓ ଏନ୍ଏସିର ପଞ୍ଜୀକୃତ ୫୪୩ ଜଣ କଳାକାର ସେମାନଙ୍କ କଳା ଦକ୍ଷତା ପ୍ରଦର୍ଶନ କରିଥିଲେ।

# କୁଇନ୍ ଅଫ ଦି ମିଶନ ହାଇସ୍କୁଲ ଛାତ୍ରଙ୍କ ବନ୍ଧୁମିଳନ

**ବ୍ରହ୍ମପୁର ଅଫିସ,୧୩।୧୧**

ବ୍ରହ୍ମପୁର ସହରର ପୁରାତନ କୁଇନ ଅଫ ଦି ମିଶନ ହାଇସ୍କୁଲ ପରିସରରେ ଶନିବାର ୧୯୭୭ର ଦଶମ ପାସ ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ତଥା ପୁରୁଷୋତ୍ତମପୁର ବିଇଓ ହରେକୃଷ୍ଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଜିଲା ଶିକ୍ଷାଧିକାରୀ ବିନୀତା ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଏସ୍‌ପି ସର୍ବଣାବିବେକ ଏମ, ବ୍ରହ୍ମପୁର କମିଶନର ଜେ.ସୋନାଲ ଉପସ୍ଥିତ ରହିଥିଲେ। ୧୯୭୭ ଆଲୁମିନି ବ୍ୟାଚ ଆବାହକ ତଥା ଅବସରପ୍ରାପ୍ତ ଡ଼ିଜି (ଅଗ୍ନିଶମ)ଏମ.ଅକ୍ଷୟ ବାସ୍କେଟ ବଲ ପଡ଼ିଆ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ବନ୍ଧୁ ମିଳନ ଉତ୍ସବରେ ଅତିଥିଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ଦିବଙ୍ଗତ ଆଲୁମିନିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଆଲୁମିନି ସଦସ୍ୟ ଓ ତାଙ୍କ ପରିବାର ବର୍ଗଙ୍କ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପୋଷାକ, ପାଠ୍ୟପୁସ୍ତକ ଓ ଟେଷ୍ଟପେପର ଦିଆଯାଇଥିଲା। ପୂର୍ବରୁ ହୋଇଥିବା ସାଧାରଣ ଜ୍ଞାନ ଓ ବିଜ୍ଞାନ କୁଇଜ ପ୍ରତିଯୋଗୀତାର ପ୍ରତିଯୋଗିଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଲୁମିନି ବ୍ୟାଚ ସଭାପତି ଲିଙ୍ଗରାଜ ସାହୁ, ବିଜୟ ମହାନ୍ତି, ପ୍ରସନ୍ନ ଆଚାର୍ଯ୍ୟ, ଅବସରପ୍ରାପ୍ତ ଏସ୍‌ପି କୁମୁଦ ମହାପାତ୍ର, ଡ଼.ସଚ୍ଚି ମହାନ୍ତି, ଜଗନ୍ନାଥ ଚୌଧୁରୀ ଓ ଅନ୍ୟମାନେ ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ।




ଆଲୁମ୍ନି ବ୍ୟାଚରେ ଉପସ୍ଥିତ ଅତିଥି ବୃନ୍ଦ।

# ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାଧିବେଶନ ଉଦ୍‌ଯାପିତ

**ପାରଳାଖେମୁଣ୍ଡି,୧୩।୧୧(ଡି.ଏନ୍.ଏ.)**

ପାରଳାଖେମୁଣ୍ଡିଠାରେ ଥିବା ଟାଉନହଲ ପରିସରରେ ଭାଷା, ସାହିତ୍ୟ, କଳା, ସଂସ୍କୃତିକୁ ଗଣାଭିମୁଖ୍ୟ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଆସୁଥିବା ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ଦ୍ୱିଦିବସୀୟ ମହା ଅଧିବେଶନ ରବିବାର ଉଦ୍‌ଯାପିତ ହୋଇଯାଇଛି। ସମ୍ମିଳନୀର ସଭାପତି କବି ପ୍ରଶାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଉଦ୍‌ଘାଟକ, ବିଶିଷ୍ଟ ଲେଖକ ତଥା ପ୍ରାକ୍ତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ମୁଖ୍ୟ ଅତିଥି, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରଫୁଲ୍ଲ ମହାନ୍ତି ମୁଖ୍ୟବକ୍ତା ଏବଂ ସମ୍ମାନୀତ ଅତିଥିଭାବେ ଡ. ହରିହର କାନୁନ୍‌ଗୋ, ଜିଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଅନ୍ତର୍ଯ୍ୟାମୀ ଗମାଙ୍ଗ, ସିଦ୍ଧେଶ୍ୱର ମିଶ୍ର, ଆର୍ଯ୍ୟ ସମାଜର ରାଜ୍ୟ ସଭାପତି ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଜିଲା ଗ୍ରାମ୍ୟ ଉନ୍ନୟ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରୋମାଞ୍ଚଳ ଖମାରୀ, ବିଭୂତି ଜେନା ପ୍ରମୁଖ ଯୋଗଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କେତେକ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଦୂରଦର୍ଶନର ପ୍ରାକ୍ତନ ଉପମହାନିର୍ଦ୍ଦେଶକ ସୁଧାଂଶୁ କୁମାର ଧଡାଙ୍କ ଦ୍ୱାରା ହେତୁଭିତ୍ତିକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ସହ ଦାସକାଠିଆ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ଡ.ହରିହରଙ୍କ ବାଚସ୍ପତିତ୍ୱରେ ଆୟୋଜିତ ଲେଖକ ସଂସଦରେ ଐତିହ୍ୟ-ପରମ୍ପରା ଓ ଇତିହାସ ବିଭାଗରେ ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ଦକ୍ଷିଣ ଓଡିଶାର ଆବଦାନ ଭାଷା ଓ ସାହିତ୍ୟ ବିଭାଗରେ ସାମ୍ପ୍ରତିକ ଓଡ଼ିଆ ଭାଷା-ସାହିତ୍ୟକୁ ଲୋକାଭିମୁଖୀ କରିଥିଲେ। ସାହିତ୍ୟିକଙ୍କ ଭୂମିକା ଏବଂ କଳା ଓ ସଂସ୍କୃତି ବିଭାଗରେ ମନୁଷ୍ୟ ଜୀବନ ପାଇଁ କଳା ଓ ସଂସ୍କୃତିର ଆବଶ୍ୟକତା ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଡ. କଲ୍ୟାଣୀ ସଂଘମିତ୍ରା, ସୁଧାଂଶୁ ଶେଖର ଧଡା, ଡା. ଗୌରାଙ୍ଗ ଚରଣ ରାଉତ ସଂସଦୀୟ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅଧ୍ୟାପିକା ଜ୍ୟୋସ୍ନାରାଣୀ ପ୍ରଧାନ, ଇଂ. ସୁଚେତା ପାଣିଗ୍ରାହୀ, ପ୍ରମୋଦ ପଣ୍ଡା, ଭୂବନ ମୋହନ ମହାନ୍ତି, ସ୍ୱାଗତିକା ବାହିନୀପତି ଅଧ୍ୟାପିକା ଜ୍ୟୋସ୍ନାରାଣୀ ପଟ୍ଟନାୟକଙ୍କ ସଂଯୋଜନାରେ ୫୦ରୁ ଊର୍ଦ୍ଧ୍ୱ କବି, କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ମହାମୃତିକ ଦଣ୍ଡପାଣି ମହାପାତ୍ରଙ୍କ ସଂଯୋଜିତ ଏହି ଅଧିବେଶନରେ ରାଜ୍ୟ କମିଟିର ସମ୍ପ୍ରସାରଣ ସହ ଗଜପତି ଜିଲା କମିଟି ଗଠନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଉପଜିଲାପାଳ ଆଲୋକ କୁମାର ପ୍ରଧାନ, ପାରଳା ପୌରପରିଷଦର ନିର୍ବାହୀ ଅଧିକାରୀ ଜୁବୁଲୀ ଚରଣ ବେହେରା, ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ ଉପସ୍ଥିତ ଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଡ. ସିଦ୍ଧେଶ୍ୱର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ପୁସ୍ତକ ଲୋକାର୍ପିତ କରୁଛନ୍ତି ।

# ଶମ୍ଭୁନାଥ ହାଁସଦା, ମାମିନା କାଣ୍ଡି ଚାମ୍ପିୟନ

## ଡିଏଭି ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା-୨୦୨୨



କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

**ଜି.ଉଦୟଗିରି,୧୩।୧୧(ଡି.ଏନ.ଏ.)**

କଳିଙ୍ଗା ସରକାରୀ ଡିଏଭି ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ବାର୍ଷିକ କ୍ରୀଡା- ୨୦୨୨ ଅଧ୍ୟକ୍ଷ ତ୍ରିଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ପୁରୁଷ ବିଭାଗରୁ ଶମ୍ଭୁନାଥ ହାଁସଦା ଓ ମହିଳା ବିଭାଗରୁ ମାମିନା କାଣ୍ଡି ଚାମ୍ପିୟନ ହୋଇଛନ୍ତି। କ୍ରୀଡ଼ା ପ୍ରତିଯୋଗିତାକୁ ଜି.ଉଦୟଗିରି ଭାରପ୍ରାପ୍ତ ଥାନାଧିକାରୀ ଅଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସୁଜାତା ଦିଗାଲ ଓ ଲିସବେଥ ପ୍ରଧାନ ବିଚାରକ ଭାବେ ଯୋଗଦେଇଥିବା ବେଳେ ମାନସୀ ପ୍ରଧାନ କ୍ରୀଡ଼ା ପରିଚାଳନା କରିଥିଲେ। ଏହି କ୍ରୀଡ଼ାରେ ସ୍ଥାନୀୟ ପ୍ରଶିକ୍ଷଣ ବିଦ୍ୟାଳୟର ୪୬ ଛାତ୍ରୀଛାତ୍ର ଭାଗ ନେଇଥିଲେ। ୧୭ ପୁରୁଷ ଓ ୨୯ ମହିଳା ଭାଗ ନେଇଥିଲେ। ୧୦୦/୨୦୦ ମିଟର ଦୌଡ, ସଟ୍‌ପୁଟ୍, ଜାଭେଲିନ, ଡିସ୍କସ ଥ୍ରୋ ଆଦି ଖେଳରେ ଉଭୟ ମହିଳା ପୁରୁଷ ଭାଗ ନେଇଥିବା ବେଳେ ମ୍ୟୁଜିକ ଚେୟାର ଖେଳରେ କେବଳ ମହିଳାମାନେ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଶିକ୍ଷକ ସୁଧୀର କୁମାର ସାହୁ, ଅନିଲ କୁମାର ମହାପାତ୍ର, ସଂସ୍କୃତ ଶିକ୍ଷୟିତ୍ରୀ ଜୟନ୍ତୀ ପଟ୍ଟନାୟକ ପରିଚାଳନାରେ ସହଯୋଗ କରିଥିଲେ।

# ମାଣ୍ଡିଆଜାତୀୟ ଖାଦ୍ୟ କର୍ମଶାଳା

**ଆର.ଉଦୟଗିରି,୧୩।୧୧(ଡି.ଏନ୍.ଏ.)**

ଓଡ଼ିଶା ମିଲେଟ୍ ମିଶନ ସହାୟତାରେ ବେତାରସିଂ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଜିଲାର ଅଗ୍ରଣୀ ଅନୁଷ୍ଠାନ ସୁରକ୍ଷା ଦ୍ୱାରା ଦୁଇଦିନିଆ ମିଲେଟ୍ ଖାଦ୍ୟମେଳା ସହ ଆଇସିଡିଏସ୍ କର୍ମଚାରୀ ଓ ପଞ୍ଚାୟତିରାଜ ଅନୁଷ୍ଠାନର ପ୍ରତିନିଧିଙ୍କ ପାଇଁ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଆର.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଂଗ୍ରାମ ପରମଗୁରୁ, ନୂଆଗଡ଼ ବ୍ଲକ କୃଷି ଅଧିକାରୀ ଶେଖ୍ ଆହେସନ, ଓଡ଼ିଶା ଜୀବିକା ମିଶନର ବନ୍ଦନା ବଡ଼ମୁଣ୍ଡି, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ନୃସିଂହ ମିଶ୍ର, ବ୍ଲକ ପ୍ରୋଗ୍ରାମ ଅଫିସର ସନ୍ତୋଷ ଭୂୟାଁ, ବିଟିଏମ୍ ଦୀପକ ଗୌତମ, ବେତାରସିଂ ସରପଞ୍ଚ ସ୍ନେହଲତା ପ୍ରଧାନ, ମହିଳା ସ୍ୱୟଂ ସହାୟିକା ଦଳର ସଭ୍ୟା, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଶିକ୍ଷକ ଓ ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ। ସମ୍ବଳ ବ୍ୟକ୍ତି ଭାବେ ବିଘ୍ନରାଜ ପଣ୍ଡା ଉପସ୍ଥିତ ରହି ମହିଳା ଓ ଅଙ୍ଗନୱାଡି କର୍ମୀଙ୍କୁ ମାଣ୍ଡିଆ ଲଡୁ, ମାଣ୍ଡିଆ ସୁପୁଲୁ, କାଙ୍ଗୁ ଖିରି, କାଙ୍ଗୁ ପଲାଉ ଓ ମାଣ୍ଡିଆ ଚାହା ପ୍ରସ୍ତୁତି ପ୍ରଣାଳୀ ବିଷୟରେ ବୁଝାଇବା ସହ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ କରାଇଥିଲେ। କାର୍ଯ୍ୟକ୍ରମକୁ ସୁରକ୍ଷା ସଂଗଠନର ବ୍ଲକ ସଂଯୋଜକ ଅଜିତ କୁମାର ଦଳାଇ ଆୟୋଜନ କରିଥିଲେ ଓ ଅତିରିକ୍ତ ବ୍ଲକ ସଂଯୋଜକ ଗୁରୁନାଥ ଭୂୟାଁ, ହିସାବରକ୍ଷକ ଶ୍ରୀଧର ମହାନ୍ତି, ମଣ୍ଡଳ ସମ୍ବଳ ବ୍ୟକ୍ତି ପ୍ରତାପ ମାଲ୍ଲୀ, ସୁଶାନ୍ତ ବଦରଇତ, ସୁରେନ୍ଦ୍ର ନାଥ ପୂଜାରୀ, ସମୀର ମାଳୀ, ସାନୁ ଅଇରୀଶଲ୍ୟା ପ୍ରମୁଖ ସହଯୋଗ କରିଥିଲେ।

# ଶିଶୁକନ୍ୟାଙ୍କୁ ବଳାତ୍କାର ଘଟଣା, ଜେଜେବି ଗଲେ ନାବାଳକ

**ଗୋପାଳପୁର,୧୩।୧୧(ଡି.ଏନ.ଏ.)**

ଗୋଳନ୍ଥରା ଥାନା ଅଞ୍ଚଳରେ ଚାରି ବର୍ଷର ଶିଶୁ କନ୍ୟାକୁ ବଳାତ୍କାର କରିବା ଘଟଣାରେ ରବିବାର ପୋଲିସ ସମ୍ପୃକ୍ତ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ (ଜେଜେବି)ରେ ହାଜର କରିଛି। ଗତ ୧୦ ତାରିଖରେ ଶିଶୁ କନ୍ୟା ଜଣକ ଘର ଦାଣ୍ଡରେ ଖେଳୁଥିବା ସମୟରେ ନାବାଳକ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ତାଙ୍କୁ ଉଠେଇ ନେଇ କୋଠ ଘରେ ବଳପୂର୍ବକ ବଳାତ୍କାର କରିବା ସହ ନିସ୍ଥୁକ ମାଡ ମାରିଥିଲେ। ଶିଶୁ କନ୍ୟା ଜଣକ ଚିତ୍କାର କରିବା ପରେ ସ୍ଥାନୀୟ ଲୋକ ଓ ପରିବାର ସଦସ୍ୟ ପହଞ୍ଚିଲା ପରେ ନାବାଳକ ଚମ୍ପଟ ମାରିଥିଲେ। ଏ ନେଇ ଶିଶୁକନ୍ୟାଙ୍କ ମା' ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୧୫/୨୨ରେ ବଳାତ୍କାର ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରବିବାର ନାବାଳକଙ୍କ ଓ ଶିଶୁକନ୍ୟାଙ୍କର ବ୍ରହ୍ମପୁର ବଡ଼ ମେଡିକାଲରେ ଡାକ୍ତରୀ ମାଇନା କରାଯାଇଥିଲା। ଉକ୍ତ ନାବାଳକଙ୍କୁ ପ୍ରିନ୍ସିପାଲ ମାଜିଷ୍ଟ୍ରେଟ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯାଇଥିଲା। ପରେ ତାକୁ ବାଳ ସୁଧାର ଗୃହକୁ ପଠାଯାଇଛି। ସିଆର୍‌ପିସି ୧୬୪ ଧାରା ଅନୁସାରେ ବିଚାରପତିଙ୍କ ସମ୍ମୁଖରେ ଶିଶୁକନ୍ୟାର ବୟାନ ରେକର୍ଡ କରାଯାଇଛି।